## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି
ଚିଙ୍ଗୁଡ଼ି ଶୁଖୁଆ ପୋଇକି
ଯାହାର ମନ ଯହିଁକି
ବସି ରହିଥାଏ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିରେ ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସର୍ପ ସମାନ ଭୟଙ୍କର
ଦୁର୍ଜନ ଜନେ ପରିହର।**

ଦୁର୍ଜନ ଲୋକ ସର୍ପଠାରୁ ବି ଆହୁରି ଅଧିକ ଭୟଙ୍କର ହୋଇଥାନ୍ତି। ଏମାନଙ୍କ ସହ ବନ୍ଧୁତା ରଖିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ଏଣୁ ଏମାନଙ୍କ ସଙ୍ଗ ସର୍ବଦା ବର୍ଜନୀୟ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ

# ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ଜନପଥରେ ସର୍ଭେ

ଭୁବନେଶ୍ୱର, ୨୬।୪ (ବନ୍ଦନା ସେଠୀ)

ରାଜ୍ୟ ସରକାରଙ୍କ ପକ୍ଷରୁ ୫-ଟି ଅଧୀନ ଫ୍ଲାଗ୍‌ଶିପ କାର୍ଯ୍ୟକ୍ରମ ଅନ୍ତର୍ଗତ ମେଟ୍ରୋ ରେଳ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲିଛି। ଶୁକ୍ରବାର ଜନପଥରେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ପକ୍ଷରୁ ସର୍ଭେ କରାଯାଇଥିଲା। ଜନପଥର ବାପୁଜୀନଗର, ମାଷ୍ଟରକ୍ୟାଣ୍ଟିନ୍, ରାମମନ୍ଦିର ଛକ ଏବଂ ବାଣୀବିହାରରେ ୪ଟି ଷ୍ଟେଶନ ହେବା ପାଇଁ ପୂର୍ବରୁ ପ୍ରସ୍ତାବ ଦିଆଯାଇଛି। ତେଣୁ ଏଥିପାଇଁ ରାସ୍ତାର ମେଡିଆନ୍‌ରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡିକୁ ହଟାଯିବ। ଏଥିସହ ପାଣି ପାଇପ୍, ଟେଲିଫୋନ ଲାଇନ, ଗ୍ୟାସ୍ ପାଇପ୍ ଲାଇନ୍ ସମେତ ସମସ୍ତ ୟୁଟିଲିଟିକୁ କିଭଳି ହଟାଯିବ ସେ ନେଇ ସର୍ଭେ କରାଯାଇଥିଲା। ନିର୍ମାଣ ସମୟରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଭିଡ଼କୁ କିଭଳି ନିୟନ୍ତ୍ରଣ କରାଯିବ ସେ ନେଇ ମଧ୍ୟ ତଦାରଖ କରାଯାଇଥିଲା। ପ୍ରାଥମିକ ପର୍ଯ୍ୟାୟରେ ବିଦ୍ୟୁତ୍ ଖୁଣ୍ଟ ଏବଂ ଗଛଗୁଡିକୁ ହଟାଯିବ। ସେହିପରି ନିର୍ମାଣ କାର୍ଯ୍ୟ କିଭଳି ଯଥାଶୀଘ୍ର ସରିବ ସେ ନେଇ ଧ୍ୟାନ ଦିଆଯାଇଥିଲା। ଏଥିପାଇଁ ଶିଶୁଭବନ ଛକରୁ ବାଣୀବିହାର ପର୍ଯ୍ୟନ୍ତ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ସମେତ ଏକ ସ୍ୱତନ୍ତ୍ର ଟିମ୍ ସର୍ଭେ କରିଥିଲା। ଏଥିରେ ବିଏମ୍‌ସି, ବିଡିଏ, ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ (ବିଏସ୍‌ସିଏଲ), ଟିପିସିଓଡିଏଲ, ଗେଲ, ୱାଟ୍‌କୋ, କମିଶନରେଟ ଟ୍ରାଫିକ୍ ପ୍ରମୁଖ ବିଭାଗର ପ୍ରତିନିଧି ରହିଥିଲେ। ପ୍ରବଳ ଖରା ହେଉଥିବାରୁ ପୂର୍ବାହ୍ନ ୧୦ଟା ମଧ୍ୟରେ ଏହି ସର୍ଭେ କରାଯାଇଥିଲା।

ଶିଶୁଭବନରୁ ବାଣୀବିହାର ପର୍ଯ୍ୟନ୍ତ ୫.୫ କିମିର ସ୍ମାର୍ଟ ଜନପଥ ରହିଛି। ଏହାର ମେଡିଆନ୍‌ରେ ଥିବା ୨ଶହରୁ ଊର୍ଦ୍ଧ୍ୱ ବିଦ୍ୟୁତ୍ ଖୁଣ୍ଟ ହଟାଇବା ଏବଂ ମେଟ୍ରୋ ପାଇଁ କାର୍ଯ୍ୟ କରିବାବେଳେ ଟ୍ରାଫିକ ସମସ୍ୟା ଉପୁଜିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ପୋଲିସ ଏକ ସ୍ୱତନ୍ତ୍ର ଟ୍ରାଫିକ ପ୍ଲାନ ମଧ୍ୟ ପ୍ରସ୍ତୁତ କରୁଛି। ତେବେ ସର୍ଭେ ରିପୋର୍ଟ ମିଳିବା ପରେ ହିଁ ଆଗାମୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦିଆଯାଇଛି। ସେହିପରି ପ୍ରକଳ୍ପ ନିର୍ମାଣ ସମୟରେ ସେଥିରୁ ବାହାରିବାକୁ ଥିବା ବର୍ଜ୍ୟକୁ ପକାଇବା ପାଇଁ ୱାର୍ଡ ନଂ. ୫, ୯ ଏବଂ ୧୨ରେ ସ୍ଥାନ ଚିହ୍ନଟ ହୋଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ମେଟ୍ରୋ ରେଳ ପ୍ରକଳ୍ପ ପାଇଁ ୬୨୫୫ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବାବେଳେ ୨୦୨୭ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାର ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର ଏୟାରପୋର୍ଟରୁ ତ୍ରିଶୁଳିଆ ଛକ ୨୬ କି.ମି. ପର୍ଯ୍ୟନ୍ତ ମେଟ୍ରୋରେଳ ଚାଳିବ। ଏହା ମଧ୍ୟରେ ୨୦ଟି ଷ୍ଟେଶନ ରହିବ।



## ରାଜୀବ ପଟ୍ଟନାୟକ ହେଲେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ସଭାପତି

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ଖୋର୍ଦ୍ଧା ଜିଲାରେ କଂଗ୍ରେସକୁ କ୍ରିୟାଶୀଳ ଓ ସଙ୍ଗଠନକୁ ମଜଭୁତ କରିବା ପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ସଭାପତି ଭାବେ ରାଜୀବ ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏନେଇ ରାଜୀବଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ରାଜୀବ ବର୍ତ୍ତମାନ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓ ମୁଖପାତ୍ର ରୂପେ କାର୍ଯ୍ୟରତ ଅଛନ୍ତି। ରାଜୀବ ଛାତ୍ର ଜୀବନରୁ କଂଗ୍ରେସ ରାଜନୀତି ସହ ଜଡ଼ିତ। କ୍ୟାପିଟାଲ ଲ କଲେଜର ସଭାପତି ରୂପେ ନିର୍ବାଚିତ ହେଲାପରେ ଛାତ୍ର କଂଗ୍ରେସର ଜାତୀୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟକରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।






ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଏନ୍‌ଏଚ୍‌ଏଆଇକୁ ରିପୋର୍ଟ ତଲବ

**ଓଏଚ୍‌ଆର୍‌ସିରେ କଟକ-ସମ୍ବଲପୁର ଜାତୀୟ ରାଜପଥ ନିର୍ମାଣ ମାମଲା**

## ନିର୍ମାଣ ବିଳମ୍ବ ଯୋଗୁ ବଢୁଛି ଦୁର୍ଘଟଣା

କଟକ,୨୬।୪ (କାର୍ତ୍ତିକ ସାହୁ)

କଟକ-ସମ୍ବଲପୁର ଜାତୀୟ ରାଜପଥ ନିର୍ମାଣରେ ଅହେତୁକ ବିଳମ୍ବ ହେତୁ ଦୁର୍ଘଟଣା ବଢ଼ିଚାଲିଛି। ଏହି ରାଜପଥର ନିର୍ମାଣ କାର୍ଯ୍ୟ ଦୀର୍ଘ ୧୨ ବର୍ଷ ଧରି ଚାଲିଥିଲେ ସୁଦ୍ଧା ଶେଷ ହେଉନାହିଁ, ଯଦ୍ୱାରା ପଶ୍ଚିମ ଓଡ଼ିଶାକୁ ସଂଯୋଗ କରୁଥିବା ଏହି ପ୍ରମୁଖ ରାଜପଥର ଅବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇପଡୁଛି। ସରକାରୀ ତଥ୍ୟ ଅନୁଯାୟୀ ଏହି ରାଜପଥରେ ୨୦୨୩ରେ ୪୦୦ରୁ ଅଧିକ ଦୁର୍ଘଟଣା ଘଟିଥିବାବେଳେ ୧୮୬ ଜଣଙ୍କ ଜୀବନ ହାନି ହୋଇଛି। ଏନେଇ ରୁଜୁ ମାମଲାର ଶୁଣାଣି କରି ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି) ପ୍ରତିପକ୍ଷ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ)କୁ ରିପୋର୍ଟ ତଲବ କରିଛନ୍ତି। ନିର୍ଦ୍ଧାରିତ ସମୟରେ ରାସ୍ତା ନିର୍ମାଣ କାର୍ଯ୍ୟ କାହିଁକି ଶେଷ ହୋଇନାହିଁ, କ'ଣ ସମସ୍ୟା ରହିଛି, ସେନେଇ ଜଣାଇବାକୁ ଏନ୍‌ଏଚ୍‌ଏଆଇ, କେନ୍ଦ୍ର ସଡ଼କ ପରିବହନ ବିଭାଗ ସଚିବ, ରାଜ୍ୟ ପ୍ରମୁଖ ଶାସନ ସଚିବ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ କମିଶନ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, କଟକ-ସମ୍ବଲପୁର ଜାତୀୟ ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବା ପାଇଁ ୨୦୦୫ରେ ନିଷ୍ପତ୍ତି ହୋଇଥିଲା। ଏହାର ୭ ବର୍ଷ ପରେ ଅର୍ଥାତ ୨୦୧୨ରେ କାମ ଆରମ୍ଭ ହୋଇଥିଲା। ୨୦୨୦ ସୁଦ୍ଧା କଟକରୁ ସମ୍ବଲପୁର ପର୍ଯ୍ୟନ୍ତ ମୋଟ୍ ରାସ୍ତା ନିର୍ମାଣ ଶେଷ କରିବାକୁ ଥିବାବେଳେ ଅନୁଗୋଳରୁ ସମ୍ବଲପୁର ପର୍ଯ୍ୟନ୍ତ ରାସ୍ତାକୁ ୨୦୧୯ ସୁଦ୍ଧା ସାରିବାକୁ ସମୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଏପର୍ଯ୍ୟନ୍ତ କାମ ଶେଷ ହୋଇପାରୁନାହିଁ। ଏହି ସମସ୍ୟାକୁ ନେଇ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ମାମଲା ରୁଜୁ ହୋଇଛି। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରି ମଧ୍ୟ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨୦୨୩ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି ପାର୍ଲାମେଣ୍ଟରେ କହିଥିଲେ। ମାତ୍ର କାମ ନ ସରିବାରୁ ଗତ ମାର୍ଚ୍ଚ ସୁଦ୍ଧା ଶେଷ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ କାମ ଶେଷ ହୋଇପାରିଲା ନାହିଁ। ଫଳରେ ନିର୍ମାଣାଧୀନ ରାଜପଥରେ ଯାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠାରେ ପ୍ରତି ମାସରେ ୩୦ରୁ ୩୫ଟି ଦୁର୍ଘଟଣା ଘଟୁଥିବା ନେଇ ରିପୋର୍ଟ କରାଯାଉଛି। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ରାସ୍ତା କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା, କାମ ବିଳମ୍ବ ପାଇଁ ଠିକାଦାରଙ୍କୁ ଦାୟୀ କରିବା ଏବଂ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଲାଗି ଆବେଦନକାରୀ ତଥା ଆଇନଜୀବୀ ଶିବଶଙ୍କର ମହାନ୍ତି କମିଶନଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲା ଓଡ଼ିଶା ବିକାଶ ପରିଷଦ




ଓଡ଼ିଶା ବିକାଶ ପରିଷଦର କର୍ମକର୍ତ୍ତା ଓଏଚ୍‌ଆର୍‌ସି କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଜଣାଉଛନ୍ତି।

ଭୁବନେଶ୍ୱର,୨୬।୪(ସତ୍ୟଜିତ୍ ରାଉତ)

**ନୀହାର ରଞ୍ଜନଙ୍କୁ ଗିରଫର ପ୍ରତିବାଦ**

ଜେଲଫେରନ୍ତା ନୀହାର ରଞ୍ଜନ ଦାସଙ୍କୁ ଲକ୍ଷ୍ମୀସାଗର ପୋଲିସ ଗିରଫ କରିବା ଘଟଣାରେ ଓଡ଼ିଶା ବିକାଶ ପରିଷଦ ଶୁକ୍ରବାର ରାଜ୍ୟ ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛି। ମିଛ ଓ ବେଆଇନ ଗିରଫଦାରୀ ଅଭିଯୋଗ ଆଣି ଲକ୍ଷ୍ମୀସାଗର ଥାନା ଆଇଆଇସି, ସେକେଣ୍ଡ ଅଫିସର ଓ ଆଇ.ଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଛି। ଓଏଚ୍‌ଆର୍‌ସିଙ୍କୁ ଦିଆଯାଇଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି ଯେ, ଲକ୍ଷ୍ମୀସାଗର ଥାନା ପୋଲିସ ଏହି ଘଟଣାର ସତ୍ୟାସତ୍ୟ ପରଖି ନାହିଁ। ନୀହାର ଗତ ୨୩ ତାରିଖରେ ସଦର ଥାନାକୁ ହାଜିରା ଦେବାକୁ ଯାଇଥିବାବେଳେ ପୋଲିସ ତାଙ୍କୁ ଗିରଫ କରିଥିଲା। ସେତେବେଳେ ତାଙ୍କ ପାଖରେ ବନ୍ଧୁକ ନ ଥିଲା। ହେଲେ ଏହା ପରଦିନ ନୀହାରଙ୍କ ପାଖରେ ବନ୍ଧୁକ କେମିତି ଆସିଲା। ଥାନାରେ ପୂର୍ବରୁ ଥିବା ବନ୍ଧୁକ ସହ ନୀହାରଙ୍କ ଫଟୋଇ ଉଠାଯାଇଛି। ଏସବୁର ସିସିଟିଭି ଯାଞ୍ଚ ହେଉ ବୋଲି ଦାବି କରାଯାଇଛି। ଅପରପକ୍ଷରେ ବୁଧବାର ରାତିରେ ନୀହାରଙ୍କ ଗିରଫ ପ୍ରତିବାଦରେ ତାଙ୍କ ଭାଇ ନିତୀଶ ଓ ସମ୍ପର୍କୀୟମାନେ କମିଶନରେଟ୍ ପୋଲିସ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଧାରଣା ଦେଇଥିଲେ।

ସୂଚନା ଅନୁଯାୟୀ, ନୀହାରଙ୍କ ନାମରେ ବିଭିନ୍ନ ଥାନାରେ ୧୩ ଆପରାଧିକ ମାମଲା ରହିଛି। ଗତ ଏପ୍ରିଲ ୧୯ରେ ଅଭିଯୁକ୍ତ ନୀହାର ଅଭିଯୋଗକାରୀ ନିଗମାନନ୍ଦଙ୍କ ବମିଖାଲ ଅନ୍ତର୍ଗତ ଗଣପତି ଟାୱାରରେ ଥିବା ଘରକୁ ଯାଇଥିଲେ। ତାଙ୍କ ପାଇଁ ୨୦୧୫ରେ ସେ ଜେଲ୍ ଯାଇଥିବାରୁ ବେଲ୍ ଆଦି ଖର୍ଚ୍ଚ ବାବଦକୁ ଟଙ୍କା ଦାବି କରିଥିଲେ। ଟଙ୍କ ନ ପାଇବାରୁ ସେ ନିଗମାନ୍ଦ ଓ ତାଙ୍କ ପରିବାରକୁ ହତ୍ୟା କରିବାକୁ ଧମକ ଦେଇଥିଲେ।

# ନିର୍ବାଚନ ପାଇଁ 'ଯୁବ ଅଧିକାର ପତ୍ର' ଉନ୍ମୋଚିତ

ଭୁବନେଶ୍ୱର,୨୬।୪(ଶର୍ମିଷ୍ଠା ପାଣିଗ୍ରାହୀ)

ରାଷ୍ଟ୍ର ତଥା ରାଜ୍ୟର ସବୁଠାରୁ ବଡ ଶକ୍ତି ହେଉଛି ଯୁବ ଶକ୍ତି। ସମଗ୍ର ଜନସଂଖ୍ୟାର ଶତକଡା ୬୫ ଭାଗ ଅଧିକ ଯୁବ ଶକ୍ତି ଥିବାବେଳେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ସେମାନଙ୍କୁ ନିଯୁକ୍ତି ଓ ଆତ୍ମନିର୍ଭରଶୀଳ କରିବାରେ ବିଫଳ ହୋଇଛି। ପ୍ରତି ନିର୍ବାଚନରେ ଶାସକ ଦଳ ହେଉ ଅଥବା ବିରୋଧୀ, ନିର୍ବାଚନ ଜିତିଲେ ଯୁବ ସମାଜ ପାଇଁ ଯୋଜନାବଦ୍ଧ ଇସ୍ତାହାର ମାଧ୍ୟମରେ ଉପସ୍ଥାପନ କରିଥାନ୍ତି। ୧୦ ବର୍ଷ ତଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାରରେ ଗଲାବେଳେ ଯୁବ ସମାଜକୁ ଆକୃଷ୍ଟ କରି ଭୋଟ ନେବା ପାଇଁ ବାର୍ଷିକ ୨ କୋଟି କର୍ମନିଯୁକ୍ତିର ପ୍ରତିଶ୍ରୁତି ଦେଇ ଭୋଟ ନେଲେ। କ୍ଷମତାରେ ବସିବା ପରଠାରୁ ସର୍ବାଧିକ କର୍ମନିଯୁକ୍ତିର ସୁଯୋଗ ଥିବା ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ କରାଇ ନିଜ ନିର୍ବାଚନ ପାଇଁ ଚାନ୍ଦା ଦେଇଥିବା କମ୍ପାନୀଙ୍କ ପାଦ ତଳେ ସମର୍ପଣ କରିଚାଲିଲେ। ଓଡ଼ିଶାରେ ଥିବା ରାଜ୍ୟ ସରକାର ତାହାକୁ ସମର୍ଥନ କରିଚାଲିଲେ। ସର୍ବବୃହତ୍ତ ସେବାକ୍ଷେତ୍ରକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଙ୍ଗଠିତ କୃଷି କ୍ଷେତ୍ର, ନିର୍ମାଣ କ୍ଷେତ୍ର, ଖୁଚୁରା ବଜାର କ୍ଷେତ୍ରରେ ପୁଞ୍ଜିପତିମାନଙ୍କ ଲୁଣ୍ଠନ ପାଇଁ ପୂର୍ଣ୍ଣ ସମର୍ଥନ କଲେ। ଏପରି ଏକ ଜଟିଳ ପରିସ୍ଥିତିରେ ୨୦୨୪ ନିର୍ବାଚନର ଆହ୍ୱାନକୁ ଭାରତବାସୀ ସମ୍ମୁଖୀନ ହେବାକୁ ଯାଉଥିବାବେଳେ ରାଜ୍ୟର ବିଭିନ୍ନ ସଚେତନ ଯୁବ-ଛାତ୍ରଙ୍କ ପକ୍ଷରୁ ଗତ ୧୦ ବର୍ଷର କେନ୍ଦ୍ର ସରକାର ଓ ୨୪ ବର୍ଷର ରାଜ୍ୟ ସରକାରର ବିଫଳତାକୁ ନେଇ ପ୍ରଶ୍ନ ଉଠାଇବା ଲାଗି ଆହ୍ୱାନ ଦିଆଯାଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରର ପରିବର୍ତ୍ତନ ତଥା ସମ୍ବିଧାନର ମୁଖଶାଳାରେ ଲିଖିତ ଶପଥ ଅନୁଯାୟୀ ପ୍ରତ୍ୟେକ ରାଜନୈତିକ ଓ ଆଚରଣ ନିର୍ଦ୍ଧାରିତ ହେବା ସହ ନୂଆ ସରକାର ପାଇଁ ଏକ ଯୁବ ଅଧିକାର ପତ୍ର ପ୍ରସ୍ତୁତ କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବୋଦୟ ନେତା ଡ. ବିଶ୍ୱଜିତଙ୍କ ସଂଯୋଜନାରେ ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା, ଦେବପ୍ରସାଦ ରାୟ, ମିହିର ପ୍ରତାପ ଦାସ, ଜୟନ୍ତ କୁମାର ଦାସ, ନଳିନୀକାନ୍ତ ନାୟକ, କର୍ମବୀର କଳ୍ପତରୁ ଦାସ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିବା ସହ 'ଯୁବ ଅଧିକାର ପତ୍ର'କୁ ଉନ୍ମୋଚିତ କରିଥିଲେ। ପ୍ରଶାନ୍ତ କୁମାର ରଣସିଂ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ମାନସ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# କଂଗ୍ରେସରେ ଯୋଗଦେଲେ ନୟାଗଡ଼ ଜିଲାର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା

ଭୁବନେଶ୍ୱର, ୨୬।୪(ସୁନିତ୍ ମିଶ୍ର)

ବିଜେଡି ଆଗଧାଡ଼ିର ନେତ୍ରୀ ତଥା ନୟାଗଡ଼ ଜିଲାର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଓ ଖଣ୍ଡପଡ଼ା ବ୍ଲକ୍‌ର ପୂର୍ବତନ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷା ବୈଜୟନ୍ତୀମାଳା ମହାନ୍ତି ଶୁକ୍ରବାର ବିଜେଡି ଛାଡ଼ି ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଓ ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ ସେ କଂଗ୍ରେସରେ ସାମିଲ ହୋଇଛନ୍ତି। କଂଗ୍ରେସର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହେବା ସହ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ପ୍ରଭାବିତ ହୋଇ ସେ କଂଗ୍ରେସରେ ଯୋଗଦେଇଛନ୍ତି। ତାଙ୍କର କଂଗ୍ରେସରେ ଯୋଗଦାନ କେବଳ ଖଣ୍ଡପଡ଼ା ନୁହେଁ, ସମଗ୍ର ନୟାଗଡ଼ ଜିଲାରେ ଦଳର ସଙ୍ଗଠନକୁ ସୁଦୃଢ଼ କରିବ ବୋଲି ପ୍ରସାଦ କହିଛନ୍ତି।




ଏକାମ୍ର ନିର୍ବାଚନମଣ୍ଡଳୀର ଶତାଧିକ ଭାଜପା ଓ ଆପ୍ ନେତା ଏବଂ କର୍ମୀ ଶୁକ୍ରବାର ଶଙ୍ଖଭବନରେ ମନ୍ତ୍ରୀ ତଥା ବିଧାୟକ ପ୍ରାର୍ଥୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ସାମିଲ ହୋଇଛନ୍ତି।

# ସାମାଜିକ କାର୍ଯ୍ୟକ୍ରମରେ ଜଳ ପରିଚାଳନା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୨୬।୪(ଶର୍ମିଷ୍ଠା ପାଣିଗ୍ରାହୀ)

କ୍ୟାଟରିଂ ଆସୋସିଏଶନ ଅଫ୍ ଓଡିଶା (ସିଏଓ)ର ସପ୍ତମ ବାର୍ଷିକ ସାଧାରଣ ବୈଠକ ଗୁରୁବାର ସ୍ଥାନୀୟ ଏକ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ସାମାଜିକ କାର୍ଯ୍ୟକ୍ରମରେ ଜଳ ସଂରକ୍ଷଣ ଓ ପରିଚାଳନା' ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ବିବାହ, ବ୍ରତଘର ଆଦି ସାମାଜିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ସମୟରେ ଯଥାସମ୍ଭବ ଜଳବ୍ୟବହାର ନେଇ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆସୋସିଏଶନ କର୍ମକର୍ତ୍ତା ନିଜ ମତ ରଖିଥିଲେ। ଏଫ୍‌ଏଆଇସି ସଭାପତି ନରେନ୍ଦ୍ର ସୋମାନିଆ, ସାଧାରଣ ସମ୍ପାଦକ କୀର୍ତ୍ତି ବୁଦ୍ଧଦେବ, ଦକ୍ଷିଣ ଜୋନ ଚେୟାରମ୍ୟାନ ଅତୁଲ ମେହେଟ୍ଟା ଏବଂ ପଶ୍ଚିମ ଜୋନ୍ ଅଧ୍ୟକ୍ଷ ସୁନୀଲ ସୁନକିୟା ପ୍ରମୁଖ ନିଜ ମତ ରଖିଥିଲେ। ସିଏଓ ସଭାପତି ବିନୟ ଭୂଷଣ ପଟ୍ଟନାୟକ କହିଛନ୍ତି, ଗ୍ଲୋବାଲ ୱାର୍ମିଂ ଆମ ସମସ୍ତଙ୍କ ପାଇଁ ସମସ୍ୟା ଆଣିଛି। ଆମ ଦେଶରେ ଅନେକ ରାଜ୍ୟରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ତେଣୁ ସାମାଜିକ କାର୍ଯ୍ୟ ସମୟରେ ଖାଦ୍ୟ ପ୍ରସ୍ତୁତିଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଜଳ ବ୍ୟବହାର କରିବାବେଳେ ଆମକୁ ଯତ୍ନବାନ ହେବାକୁ ପଡିବ। ସମ୍ପାଦକ ଦେବୀ ପ୍ରସାଦ ରଥ ସଂଘ ସଦସ୍ୟଙ୍କୁ ସାମାଜିକ କାର୍ଯ୍ୟକ୍ରମରେ ଜଳର ଉଚିତ ବ୍ୟବହାର ନେଇ ସଚେତନତା ସୃଷ୍ଟି କରିବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ୫୦୦ରୁ ଊର୍ଦ୍ଧ୍ୱ ସଂଘ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସଂଘର ଚେୟାରମ୍ୟାନ ଅନୁପ ବାଗାଇ, କୋଷାଧ୍ୟକ୍ଷ ଏମ୍. ଜୟ ପ୍ରସାଦ ରାଓ, ନବ ରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରବୋଧ ଦାସ, ଗୁରୁ ଚରଣ ଦାସ, ସତ୍ୟଜିତ ମହାନ୍ତି, କିଶୋର ଚନ୍ଦ୍ର ଦେହୁରୀ, ଧିରେନ୍ଦ୍ର କୁମାର କର ଏବଂ ସବ୍ୟସାଚୀ ସ୍ୱାଇଁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ସିଏଓ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

**ସିଏଓର ସାଧାରଣ ବୈଠକ**

# ଖୁବ୍‌ଶୀଘ୍ର ନୋ ପାର୍କିଂ ଜୋନ୍ ଚିହ୍ନଟ କରିବ ବିଏମ୍‌ସି

ଭୁବନେଶ୍ୱର, ୨୬।୪ (ବନ୍ଦନା ସେଠୀ)

ସହରସାରା ଏବେ ବେଆଇନ ପାର୍କିଂ। ଗଳିକନ୍ଦିଠାରୁ ଆରମ୍ଭ କରି ରାଜରାସ୍ତା ପର୍ଯ୍ୟନ୍ତ ଯିଏ ଯେଉଁଠି ପାରୁଛି ଗାଡ଼ି ରଖି ଦେଉଛି। ଏହାଦ୍ୱାରା ରାସ୍ତା ସଙ୍କୁଚିତ ହେବା ସହ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ତେଣୁ ଏହାକୁ ଦୃଷ୍ଟିରେ ଖୁବ୍‌ଶୀଘ୍ର ସହରର ବିଭିନ୍ନ ସ୍ଥାନରେ ନୋ ପାର୍କିଂ ଜୋନ୍ ଘୋଷଣା କରିବାକୁ ଯାଉଛି ବିଏମସି। ଏଣିକି ମନଇଚ୍ଛା ଗାଡ଼ି ପାର୍କିଂ କଲେ ବିଏମସି ସିଧାସଳଖ ସେଗୁଡିକୁ ଉଠାଇ ନେବ ଏବଂ ମୋଟା ଅଙ୍କର ଜରିମାନା ମଧ୍ୟ ଆଦାୟ କରିବ ବୋଲି ଜଣାପଡିଛି। ତେବେ ଏବେ ନିର୍ବାଚନ ପାଇଁ ଆଚରଣବିଧି ଲାଗୁ ହୋଇଥିବାରୁ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ନିର୍ବାଚନ ସରିବା ପରେ ଗାଡି ଟୋଇଙ୍ଗ୍ ପାଇଁ ଟେଣ୍ଡର ପ୍ରକ୍ରିୟା କରାଯିବ। ଏଜେନ୍ସି ଫାଇନାଲ ହେବାପରେ କର୍ପୋରେସନ୍‌ର ଅନୁମୋଦନ ନେଇ ସହରର କେଉଁକେଉଁ ସ୍ଥାନକୁ ନୋ ପାର୍କିଂ ଜୋନ୍ ଭାବେ ଘୋଷଣା କରାଯିବ ତାହା ସ୍ଥିର କରାଯିବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ବିଏମ୍‌ସି ପକ୍ଷରୁ ଏଭଳି ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ବିଶେଷକରି ରାଜମହଲ ଏବଂ ସହୀଦନଗର ଠାରେ ମଲ୍ଟି ଲେବଲ କାର୍ ପାର୍କିଂ (ଏମଏଲ୍‌ସିପି) ହେବାପରେ ବାଣୀ ବିହାର ଠାରୁ ମହର୍ଷି କଲେଜ୍ ଏବଂ ଏଜି ଛକରୁ ରାଜମହଲ ଛକ ପର୍ଯ୍ୟନ୍ତ ନୋ ପାର୍କିଂ ଜୋନ୍ ଘୋଷଣା କରାଯାଇଛି। ଗାଇଡ୍‌ଲାଇନ୍ ଅନୁଯାୟୀ ପାର୍କିଂସ୍ଥଳର ୫ଶହ ମିଟର ମଧ୍ୟରେ ଆଉ କେଉଁଠି ପାର୍କିଂ ରହି ପାରିବ ନାହିଁ। ତେଣୁ ନୋ ପାର୍କିଂ ଜୋନ୍ ମଧ୍ୟରେ ଗାଡ଼ି ରଖିଲେ ସ୍ମାର୍ଟସିଟି ପକ୍ଷରୁ ନିୟୋଜିତ ଟୋଇଙ୍ଗ୍ ଏଜେନ୍ସି ଗାଡ଼ି ଉଠାଇ ନେଉଛନ୍ତି। ତେବେ ଖୁବ୍‌ଶୀଘ୍ର ବିଏମ୍‌ସି ମଧ୍ୟ ଏହି ରଣନୀତି ଆପଣାଇବାକୁ ଯାଉଥିବା ସୂଚନା ମିଳିଛି।



ବେଆଇନ ପାର୍କିଂ ଯୋଗୁ ରାସ୍ତା ଜାମ୍ ହୋଇଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି**
**ଚିଙ୍ଗୁଡ଼ି ଶୁଖୁଆ ପୋଇକି**
**ଯାହାର ମନ ଯହିଁକି**
**ବସି ରହିଥାଏ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଚିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସର୍ପ ସମାନ ଭୟଙ୍କର**
**ଦୁର୍ଜନ ଜନେ ପରିହର।**

ଦୁର୍ଜନ ଲୋକ ସର୍ପଠାରୁ ବି ଆହୁରି ଅଧିକ ଭୟଙ୍କର ହୋଇଥାନ୍ତି। ଏମାନଙ୍କ ସହ ବନ୍ଧୁତା ରଖିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ଏଣୁ ଏମାନଙ୍କ ସଙ୍ଗ ସର୍ବଦା ବର୍ଜନୀୟ ବୋଲି ଏଠାରେ ଦର୍ଶାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

# ଖୋଲିନି ଅଂଶୁଘାତ ମୁକାବିଲା ୱାର୍ଡ

ବେଗୁନିଆ,୨୬।୪(ହରପ୍ରସନ୍ନ ପଣ୍ଡା)

**ବେଗୁନିଆ ବ୍ଲକ**
- ମିଳୁନି ଓଆର୍‌ଏସ୍ ପାଉଡର
- ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି

ପ୍ରଚଣ୍ଡ ରୌଦ୍ରତାପରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୦ଟା ପରେ ଲୋକେ ଘରୁ ବାହାରିବା ପାଇଁ ଡରୁଛନ୍ତି। ଏପରିକି ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଗ୍ରୀଷ୍ମ ପ୍ରବାହ ସମୟରେ ଅଂଶୁଘାତ ହେବାର ସମ୍ଭାବନା ରହିଛି। ତେବେ ଅଂଶୁଘାତ ମୁକାବିଲା ପାଇଁ ଜିଲା ଓ ବ୍ଲକ ପ୍ରଶାସନ ପକ୍ଷରୁ ଆଗୁଆ କୌଣସି ସତର୍କତା ନ ଥିବା ଭଳି ମନେହେଉଛି। ବେଗୁନିଆ ବ୍ଲକ ଅଞ୍ଚଳର କେତେକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଯାଏ ଅଂଶୁଘାତ ମୁକାବିଲା ୱାର୍ଡ ଖୋଲି ନ ଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯଥେଷ୍ଟ ପରିମାଣରେ ଔଷଧୀୟ ସାମଗ୍ରୀ ଗଚ୍ଛିତ ନ ଥିବା ଜଣାପଡ଼ିଛି। ଅନ୍ୟପଟେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଯାଏ ସବୁଠି ଜଳଛତ୍ର ବ୍ୟବସ୍ଥା କରାଯାଇନାହିଁ। ଏନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସୂଚନାଥାଉ କି, ପ୍ରତିବର୍ଷ ମାର୍ଚ୍ଚ ୧୫ରୁ ଜୁନ ୧୫ତାରିଖ ପର୍ଯ୍ୟନ୍ତ ଅଂଶୁଘାତ ମୁକାବିଲା ପାଇଁ ପ୍ରଶାସନ ସଜାଗ ରହିଥାଏ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପକ୍ଷରୁ ଗାଁ କଲ୍ୟାଣ ସମିତି ଓ ବ୍ଲକ ପକ୍ଷରୁ ୱାର୍ଡ ସଭ୍ୟଙ୍କ ମିଳିତ ଉଦ୍ୟମରେ ପ୍ରତ୍ୟେକ ଗ୍ରାମରେ ନିଯୁକ୍ତି ପାଇଥିବା ଆଶା କର୍ମୀମାନେ ଜଳଛତ୍ର ଖୋଲିବା ଦାୟିତ୍ୱରେ ରହିଛନ୍ତି। ଏନେଇ ଗାଁ କଲ୍ୟାଣ ପାଣ୍ଠି ଓ ଅର୍ଥ କମିଶନ ପକ୍ଷରୁ ବ୍ୟୟ କରାଯିବାକୁ ନିୟମ ରହିଛି। ବର୍ତ୍ତମାନ ଏପ୍ରିଲ ମାସ ଶେଷ ହେବାକୁ ବସିଥିବା ବେଳେ କାଁ ଭାଁ କେଉଁଠି ଜଳଛତ୍ର ଖୋଲାଯାଇଛି। ବ୍ଲକର ସମସ୍ତ ୧୬୦ଟି ରାଜସ୍ୱ ଗ୍ରାମରେ ଜଳଛତ୍ର ଖୋଲିନାହିଁ। ସେହିପରି ଅର୍ଥ କମିଶନ ଯୋଜନା ପକ୍ଷରୁ ପଞ୍ଚାୟତ ଜରିଆରେ ଜନଗହଳି ସ୍ଥାନ, ବଜାର ଅଞ୍ଚଳ ଏବଂ ଜଳସଙ୍କଟ ଦେଖାଦେଇଥିବା ସ୍ଥାନରେ ଜଳଛତ୍ର ଖୋଲିବା କଥା। ୨୧ଟି ପଞ୍ଚାୟତର ସରପଞ୍ଚମାନେ ତତ୍ପରତା ଦେଖାଉ ନ ଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ହେଉଥିବା ଯୋଗୁ ଲୋକଙ୍କ ଶରୀରରେ ରୋଗ ଦେଖାଦେବା ଆଶଙ୍କା ରହିଛି। ଅଂଶୁଘାତଠାରୁ ଆରମ୍ଭ କରି ସାଧାରଣତଃ ଡାଇରିଆ ଓ ଗ୍ୟାସ ଜନିତ ରୋଗ ଦେଖାଦେଇଥାଏ। ଏହାର ମୁକାବିଲା ପାଇଁ ବ୍ଲକର ଗୋଟିଏ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ୧୧ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ମୁକାବିଲା ୱାର୍ଡ ଖୋଲିଲାନି। ଅଙ୍ଗନୱାଡି କେନ୍ଦ୍ରଗୁଡିକରେ ଏବେଯାଏ ହାଲୋଜିନ, ଓଆରଏସ୍ ପାଉଚ, ପାରାସିଟାମଲ ଓ ମେଟ୍ରନ ବଟିକା ପର୍ଯ୍ୟାପ୍ତ ପରିମାଣର ଗଚ୍ଛିତ ନ ଥିବା ଦେଖିବାକୁ ମିଳିଛି। ତେବେ ଜରୁରିକାଳୀନ ରୋଗୀ ସେବା ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଦେବାଶିଷ ଆଚାର୍ଯ୍ୟ କହିଛନ୍ତି, ଏବେ ଯାଏ ଅଂଶୁଘାତଜନିତ ସେଭଳି କୌଣସି ଅଘଟଣ ଦେଖାଦେଇନାହିଁ। ତଥାପି ମୁକାବିଲା ପାଇଁ ବିଭାଗ ସଜାଗ ଅଛି। ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଔଷଧ ଗଚ୍ଛିତ ଅଛି। କୌଣସି ରୋଗୀଙ୍କ ଆବଶ୍ୟକ ପଡିଲେ ଯୋଗାଇ ଦିଆଯିବ।

# ଉପଭୋକ୍ତାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଟାଙ୍ଗୀ,୨୬।୪(ରଘୁନାଥ ସାହୁ)

କୁହୁଡ଼ି ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ଉପଭୋକ୍ତାମାନଙ୍କୁ ଅଶୋଭନୀୟ ବ୍ୟବହାର କରୁଥିବା ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି। ଏପରିକି କାର୍ଯ୍ୟାଳୟକୁ ଯାଇ କନିଷ୍ଠ ଯନ୍ତ୍ରୀଙ୍କୁ କୌଣସି ସମସ୍ୟା ସମ୍ପର୍କରେ ପଚାରିଲେ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ନୂତନ ମିଟର ଲଗାଇବା ଆଳରେ ଘରେ ପୁରୁଷ ଲୋକେ ନ ଥିବା ବେଳେ କର୍ମଚାରୀମାନେ ଘର ମଧ୍ୟରେ ପ୍ରବେଶ କରି ମହିଳାମାନଙ୍କୁ ଅଶୋଭନୀୟ ପ୍ରଦର୍ଶନ କରୁଛନ୍ତି। ଏନେଇ ଛାପା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଆକ୍ରୋଶମୂଳକ ଭାବେ ଉକ୍ତ ଗଣମାଧ୍ୟମର ସ୍ଥାନୀୟ ପ୍ରତିନିଧିଙ୍କ ବିଦ୍ୟୁତ୍ ବିଲ୍ ଅହେତୁକ ବୃଦ୍ଧି କରାଯାଇଥିବା ଅଭିଯୋଗ ହୋଇଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳର ଉପଭୋକ୍ତାମାନେ ଦାବି କରିଛନ୍ତି। ଅନ୍ୟପଟେ ଏନେଇ କନିଷ୍ଠ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଚୟନରେ ସ୍ଥାନୀୟ ପ୍ରାର୍ଥୀଙ୍କୁ ଗୁରୁତ୍ୱ ଦିଆଯାଉ

ବେଗୁନିଆ,୨୬।୪(ସନ୍ଧ୍ୟାରାଣୀ ମିଶ୍ର)

ପାଖେଇ ଆସୁଛି ସାଧାରଣ ନିର୍ବାଚନ। ଗାଁଠୁ ସହର ସବୁଆଡ଼େ ପ୍ରାର୍ଥୀଙ୍କୁ ନେଇ ଚାଲିଛି ଚର୍ଚ୍ଚା। ବେଗୁନିଆ ନିର୍ବାଚନମଣ୍ଡଳୀର ୨୬ନମ୍ବର ଜୋନ୍‌ର ଆରିକମାସ୍ଥିତ କୋଶଳାଶୁଣି ପୀଠରେ ଭାଜପା ପକ୍ଷରୁ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ପ୍ରାର୍ଥୀ ଚୟନ ଉପରେ ଗୁରୁତ୍ୱ ଦେବାକୁ ଦାବି ହୋଇଥିଲା। ପୂର୍ବତନ ପାଞ୍ଚଗଡ ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତା ଓ ଦକ୍ଷିଣ ମଣ୍ଡଳ ପୂର୍ବତନ ସାଧାରଣ ସମ୍ପାଦକ ଧ୍ରୁବ ଚରଣ ବାହିନୀପତିଙ୍କ ସଂଯୋଜନାରେ ସଭା କାର୍ଯ୍ୟ ହୋଇଥିଲା। ଭୁବନେଶର ଏମ୍‌ପି ଅପରାଜିତା ଷଡଙ୍ଗୀ ମନମୁଖି କାର୍ଯ୍ୟ କରିବା ସହିତ ଦଳର ସକ୍ରିୟ କର୍ମୀଙ୍କୁ ଉପେକ୍ଷା କରିଚାଲିଛନ୍ତି ବୋଲି ମତପ୍ରକାଶ ପାଇଥିଲା। ଫଳରେ ପୁରୁଣା କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ସହିତ ଆଲୋଚନା କରି ନିର୍ବାଚନମଣ୍ଡଳୀରୁ ଜଣକୁ ବିଧାୟକ ପ୍ରାର୍ଥୀ କରିବା ଉପରେ ଗୁରୁତ୍ୱ ଦେବାକୁ ରାଜ୍ୟ ନେତୃବୃନ୍ଦଙ୍କୁ ଅନୁରୋଧ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶିବ ପ୍ରସାଦ ଦଳାଇ, ଶ୍ୟାମପ୍ରତାପ ସିଂହ, ରଙ୍କନିଧି ଜେନା, ଧ୍ରୁବ ଚରଣ ମହାପାତ୍ର, ଆନନ୍ଦ ବେହେରା, ରବୀନ୍ଦ୍ର ପାଇକରାୟଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।


ଖୋର୍ଦ୍ଧା: ୧୬ନମ୍ବର ଜାତୀୟ ରାଜପଥର ଗଡ଼ଖୋର୍ଦ୍ଧା ପଞ୍ଚପାଇକ ପ୍ରତିମୂର୍ତ୍ତି ଓଭରବ୍ରିଜ ନିକଟରେ ଶୁକ୍ରବାର ଏକ ହାଇୱା ଓଲଟିପଡ଼ିଛି।

# ଜଟଣୀରେ ଭାଜପାର ପଦଯାତ୍ରା



ଜଟଣୀ,୨୬।୪(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୨ର ବିଭିନ୍ନ ସାହି ଏବଂ ବସ୍ତିରେ ଭାଜପା ପକ୍ଷରୁ ନିର୍ବାଚନୀ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭଜପା ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ବଡ଼ଜେନା ଏବଂ ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ ଏହି ପଦଯାତ୍ରାରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ସହିତ ନିଜ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଏହି ପଦଯାତ୍ରା ସ୍ଥାନୀୟ ଆରଆଇ ଅଫିସଠାରୁ ବାହାରି ୱାର୍ଡ ପରିକ୍ରମା କରିବା ପରେ ମ୍ୟୁନିସିପାଲିଟି ଛକଠାରେ ଶେଷ ହୋଇଥିଲା। ଏହି ପଦଯାତ୍ରାରେ ଭାଜପାର ବହୁ କର୍ମୀ ସାମିଲ ହୋଇଥିଲେ।

# ଗୋରୁ ବୋଝେଇ ଗାଡ଼ି ଜବତ

ବାଣପୁର,୨୬।୪(ଦିଲୀପ ସ୍ୱାଇଁ)

ନାରୁଣୀ ଥାନା ନିକଟ କଉଡ଼ିଖିଣି ଛକଠାରୁ ଶୁକ୍ରବାର ପୋଲିସ ଏକ ଗୋରୁ ବୋଝେଇ ଟ୍ରକ ଜବତ କରିଛି। ଉକ୍ତ ଗାଡ଼ିରେ ନମ୍ବର ପ୍ଲେଟ ନ ଥିବା ଜଣାପଡ଼ିଛି। ୩୬ଟି ଗୋରୁ, ୨୦ଟି ଷଣ୍ଢଙ୍କୁ ଉଦ୍ଧାର କରାଯାଇଛି। ଗାଡିର ଡ୍ରାଇଭର ଓ ହେଲ୍ପର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଉଦ୍ଧାର ଗୋରଙ୍କୁ ଭୁବନେଶ୍ୱର ସ୍ଥିତ ପିପୁଲ ଫର ଆନିମଲର ଗୋଶାଳାକୁ ପଠାଇଦିଆଯାଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା(ନଂ.୧୫୨/୨୪) ରୁଜୁକରି ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦୀକ୍ଷିତପଡାରୁ ଏକ ଟ୍ରକରେ ଗୋରୁ ହାଇଦ୍ରାବାଦ ଚାଲାଣ ହେଉଥିବା ନେଇ ଗୋ ସୁରକ୍ଷା ସଙ୍ଗଠନର କର୍ମୀମାନେ ଖବରପାଇଥିଲେ। କର୍ମୀମାନେ ପୋଲିସକୁ ଜଣାଇଥିଲେ। ନାରୁଣୀ ପୋଲିସ ପାଟ୍ରୋଲିଂ ଟିମର ମହେଶ୍ୱର ଦାସ, ଅରୁଣ ପୁରୀ, ହେମନ୍ତ ପାତ୍ର ଟ୍ରକ୍‌କୁ ଅଟକାଇଥିବା ବେଳେ ଚାଳକ, ହେଲ୍ପର ଚମ୍ପଟ ମାରିଥିଲେ।

# ବିଜେଡିରେ ମିଶିଲେ ଭାଜପା ନେତା, କର୍ମୀ



ବାଲୁଗାଁ,୨୬।୪(ସଂଗ୍ରାମ ପାଇକରାୟ)

ଚିଲିକା ନିର୍ବାଚନମଣ୍ଡଳୀର ବାଲୁଗାଁ ଏନ୍‌ଏସି ଅନ୍ତର୍ଗତ ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ବିଜେଡି ପକ୍ଷରୁ ଶୁକ୍ରବାର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନିମିକ୍ଷେତା ପଞ୍ଚାୟତର ପୂର୍ବତନ ସରପଞ୍ଚ ଅଞ୍ଜଳି ସ୍ୱାଇଁଙ୍କ ସମେତ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଭାଜପା କର୍ମୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ଚିଲିକା ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ, ସମିତି ସଭ୍ୟ ସବିତା ସୁନ୍ଦରାୟ, ପୂର୍ବତନ ସରପଞ୍ଚ ମନୋଜ କୁମାର ପ୍ରଧାନ, ପୂର୍ବତନ ସମିତିସଭ୍ୟ ଡା. ଉତ୍ପଳ ପାଇକରାୟ, ଯୁବନେତା ପ୍ରବାସ ସୁନ୍ଦରାୟ ପ୍ରମୁଖ ଉପସ୍ଥିତ ଥିଲେ। ନୂତନଭାବେ ବିଜେଡିରେ ଯୋଗଦେଇଥିବା ସମସ୍ତ କର୍ମୀମାନଙ୍କୁ ସାହୁ ଉତ୍ତରୀୟ ସହ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ତିନିଥର ନିମିକ୍ଷେତା ପଞ୍ଚାୟତରୁ ସରପଞ୍ଚଭାବେ ନିର୍ବାଚିତ ହୋଇଥିବା ଅଞ୍ଜଳି ତାଙ୍କର କର୍ମୀମାନଙ୍କ ସହ ବିଜେଡିରେ ମିଶିବା ପରେ ଦଳ ଆହୁରି ସୁଦୃଢ଼ ହେବ ବୋଲି ବିଧାୟକ ପ୍ରାର୍ଥୀ ରଘୁନାଥ ସାହୁ ପ୍ରକାଶ କରିଛନ୍ତି।

# ନିର୍ମାଣ ହେବ ଭର୍ଟିକାଲ ୱାଲ୍, ଅଧିକାରୀଙ୍କ କ୍ଷେତ୍ର ପରିଦର୍ଶନ

ନିରାକାରପୁର,୨୬।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ରାମେଶ୍ୱର ପଞ୍ଚାୟତଠାରେ ଥିବା ବ୍ୟାରେଜ ମଲାଗୁଣୀ ନଦୀରୁ ଡିଆ, ନିରାକାରପୁର ପଞ୍ଚାୟତ ଦେଇ ନୂଆଗଡ ପଞ୍ଚାୟତର ମୋରମୋରସିଂହ ଅଞ୍ଚଳକୁ ସଂଯୋଗ କରୁଥିବା କେନାଲ ଅସ୍ତିତ୍ୱ ହରାଇ ବସିଥିଲା। ବିଶେଷକରି ନୂଆ ଜଗନ୍ନାଥ ସଡ଼କ ଡିଆ ପଞ୍ଚାୟତ ଦେଇ ମୋରମୋରସିଂହକୁ ସଂଯୋଗ କରୁଥିବା କେନାଲ ବିଶେଷଭାବେ କ୍ଷତିଗ୍ରସ୍ତ ହୋଇଥିଲା। ଫଳରେ ଏହି କେନାଲ ଦେଇ ନଦୀରୁ ଆସୁଥିବା ପାଣି ଠିକଣା ସ୍ଥାନରେ ପହଞ୍ଚି ପାରୁ ନ ଥିଲା। ଚାଷୀମାନଙ୍କ ପକ୍ଷରୁ ଏହି କେନାଲର ମରାମତି ନେଇ ବାରମ୍ବାର ଦାବି ପରେ ସିଏଲ୍‌ଏସ୍‌ଆର୍‌ପି ୨୦୨୩-୨୪ ମସିହାରେ ୨କୋଟି ୧୭ଲକ୍ଷ ୯୬ହଜାର ୫୭୦ଟଙ୍କା ଏହାର ଉନ୍ନତୀକରଣ ନିମନ୍ତେ ମଞ୍ଜୁରି ହୋଇଥିଲା। ଏଷ୍ଟିମେଟ ଅନୁଯାୟୀ ସ୍ଲୋପଲାଇନରେ କାର୍ଯ୍ୟ ନିମନ୍ତେ ମାଟିଖୋଳା କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ବିଭାଗୀୟ ଏଷ୍ଟିମେଟ ଅନୁସାରେ ଯଦି ଏହି ସ୍ଲୋପଲାଇନ ଅନୁସାରେ କାର୍ଯ୍ୟ କରାଯାଏ ତେବେ ନିତ୍ୟବ୍ୟବହାର୍ଯ୍ୟ ରାସ୍ତାଟି ସମ୍ପୂର୍ଣ୍ଣ ବର୍ଷାଋତୁରେ ଭୁଶୁଡ଼ି ପଡିବ। ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହେବେ। ତେଣୁ ଉକ୍ତ କେନାଲର ସ୍ଲୋପକାର୍ଯ୍ୟ ଚାଲିଥିବା ବେଳେ ବିରୋଧ କରାଯାଇଥିଲା। ସ୍ଲୋପକାର୍ଯ୍ୟ ବଦଳରେ ଭର୍ଟିକାଲ ୱାଲ ପାଇଁ ଦାବି ହୋଇଥିଲା। ଫଳରେ ଉକ୍ତ କାର୍ଯ୍ୟକୁ ବନ୍ଦ ହୋଇଥିଲା। ଏନେଇ ଗତ ମାର୍ଚ୍ଚ ୩୦ରେ ମଲାଗୁଣୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଉନ୍ନତୀକରଣ-ଭର୍ଟିକାଲ ୱାଲ ନିର୍ମାଣ ଦାବି କରିଥିଲେ ଚାଷୀମାନେ। ଶୁକ୍ରବାର ବିଭାଗୀୟ ଆସିଷ୍ଟାଣ୍ଟ ଚିଫ୍ ଇଞ୍ଜିନିୟର ପ୍ରେମାନନ୍ଦ ସାମଲ, ଜିଲା ନିର୍ବାହୀ ଅଧିକାରୀ ପ୍ରଭାସ କୁମାର ଧଳ, ଏସ୍‌ଡିଓ କୃଷ୍ଣଚନ୍ଦ୍ର ସେଠୀ, କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ରାୟ ପ୍ରମୁଖ ପହଞ୍ଚିଥିଲେ। କ୍ଷେତ୍ର ପରିଦର୍ଶନ କରିବା ସହ ଉପସ୍ଥିତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀଙ୍କ ସୁବିଧା ଏବଂ ଦାବିକୁ ଦୃଷ୍ଟିରେ ରଖି ସ୍ଲୋପଲାଇନ ବଦଳରେ ଏହାକୁ ତୁରନ୍ତ ଭର୍ଟିକାଲ ୱାଲରେ କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।


ଅଧିକାରୀମାନେ ଘଟଣାସ୍ଥଳର ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# ଘର ଉପରକୁ ମାଡ଼ିଗଲା ମିନିଟ୍ରକ୍

ବେଗୁନିଆ,୨୬।୪
(ହରପ୍ରସନ୍ନ ପଣ୍ଡା/ ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅନ୍ତର୍ଗତ ସୁଆଁଳ ଗ୍ରାମରେ ଶୁକ୍ରବାର ଏକ ବଡ଼ଧରଣର ଅଘଟଣକୁ ଏଡେଇ ଯାଇଥିବା ଜଣାପଡିଛି। ଏକ ମିନିଟ୍ରକ୍ ଘର ଉପରକୁ ମାଡିଯିବାରୁ ଜଣେ ବୃଦ୍ଧା ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଥିଲା। ହେଲେ ଚାଳକଙ୍କୁ ଧରି ଲୋକେ ପୋଲିସ ଜିମା ଦେଇଥିବା ବେଳେ ସେ କୁଆଡ଼େ ଗଲେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ଏକ ମିନି ଟ୍ରକ (ଓଆର ୦୨ବିକେ ୨୮୯୮) ବେଗୁନିଆ ପଟୁ ମାଣିବନ୍ଧ ଅଭିମୁଖେ ଯାଉଥିଲା। ସୁଆଁଳ ଗ୍ରାମର ତଳସାହିସ୍ଥିତ ଶଶି ସ୍ୱାଇଁଙ୍କ ଘର ଉପରକୁ ମାଡିଯାଇଥିଲା। ଟ୍ରକଟି କାନ୍ଥରେ ପିଟି ହେବା ପରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ସେହି ସମୟରେ ଘର ଭିତରେ ଥିବା ଶଶି ଅଳ୍ପକେ ବର୍ତ୍ତି ଯାଇଥିଲେ। ଚାଳକ ଜଣକ ଖସି ପଳାଉଥିବା ଦେଖି ସ୍ଥାନୀୟ ଲୋକେ ତାଙ୍କୁ କାବୁ କରିଥିଲେ। ଘଟଣାସ୍ଥଳରେ ଚାଳକ ଜଣକ ଲୋକଙ୍କୁ ଦୁର୍ବ୍ୟବହାର କରିବାରୁ ଏକ ଖୁଣ୍ଟରେ ତାଙ୍କୁ ବାନ୍ଧି ଦେଇଥିଲେ। ଖବରପାଇ ବେଗୁନିଆ ପୋଲିସ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଚାଳକଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ପରେ ଘଟଣା ସମ୍ପର୍କରେ ଆଲୋଚନା କରିବାକୁ ସ୍ଥାନୀୟ ଲୋକେ ଥାନାକୁ ଯାଇଥିଲେ। ହେଲେ ଚାଳକ ଜଣକ ଥାନାରେ ନ ଥିବା ଜାଣିବାକୁ ପାଇଥିଲେ। ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ଲୋକଙ୍କର ନାନା ସନ୍ଦେହ ସୃଷ୍ଟି କରିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କୁହନ୍ତି, ଘଟଣାର ତଦନ୍ତ ଚାଲିଛି।


ଘର ଉପରକୁ ମାଡ଼ିଯାଇଥିବା ମିନି ଟ୍ରକ୍।

# ସଭା, ଶୋଭାଯାତ୍ରାରେ ୩ ପ୍ରମୁଖ ଦଳର ପ୍ରାର୍ଥୀଙ୍କ ପ୍ରଚାର

ଖୋର୍ଦ୍ଧା,୨୬।୪(ପ୍ରଭାତ ପାଣିଗ୍ରାହୀ)


ମନ୍ମଥ ରାଉତରାୟ ଆଖୁପେଡ଼ି ଲୋକଙ୍କୁ ଦେଉଛନ୍ତି।


ଅପରାଜିତା ଜଣେ ବୃଦ୍ଧାଙ୍କ ସମସ୍ୟା ପଚାରି ବୁଝୁଛନ୍ତି।


ପଦଯାତ୍ରାରେ ୟାସିର ନୱାଜ ଓ ପୃଥ୍ୱୀବଲ୍ଲଭ ପଟ୍ଟନାୟକ।

ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ପ୍ରାର୍ଥୀମାନେ ପ୍ରଚାର ଆରମ୍ଭ କରିଦେଲେଣି। ଭୁବନେଶ୍ୱର ଲୋକ ସଭା ଆସନ ପାଇଁ ବିଜେଡିରୁ ମନ୍ମଥ ରାଉତରାୟ, ଭାଜପା ପୁଣିଥରେ ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ କଂଗ୍ରେସ ୟାସିର ନୱାଜଙ୍କୁ ପ୍ରାର୍ଥୀ କରିଛି। ଭୋଟରଙ୍କୁ ଆକୃଷ୍ଟ ପାଇଁ ୩ ପ୍ରମୁଖ ଦଳ ନିଜ ନିର୍ବାଚନୀ ଇସ୍ତାହାର ମଧ୍ୟ ଘୋଷଣା କରିଛନ୍ତି। ଏପରିକି ଷ୍ଟାର କ୍ୟାମ୍ପେନରଙ୍କ ପ୍ରଚାର, ସଭା, ଶୋଭାଯାତ୍ରା ଆରମ୍ଭ ହୋଇଗଲାଣି।

ସହରଠୁ ଗାଁ ଏବେ ସବୁଠି ନିର୍ବାଚନକୁ ନେଇ ଚାଲିଛି ଚର୍ଚ୍ଚା। ସେପଟେ ପ୍ରାର୍ଥୀଙ୍କୁ ପରଖୁଛନ୍ତି ଭୋଟର। ୫ବର୍ଷରେ କ'ଣ କରିଛନ୍ତି ବୋଲି ପ୍ରଶ୍ନ କଲେଣି। ପ୍ରାର୍ଥୀ ବି ଭୋଟରଙ୍କୁ ନିଜ ଆଡକୁ ଆକୃଷ୍ଟ ପାଇଁ ନିଆରା ଷ୍ଟାଇଲରେ ପ୍ରଚାର ଚଳାଇଛନ୍ତି। ଏଥିରେ ଆଗରେ ରହିଛନ୍ତି ବିଜେଡି ପ୍ରାର୍ଥୀ ମନ୍ମଥ। ପ୍ରଚଣ୍ଡ ଖରାରେ ଆଖୁପେଡି ଲୋକଙ୍କୁ ଦେଲେଣି ତ ଆଉ କେଉଁଠି ଅଟୋ ଚଳାଇ ଲୋକଙ୍କୁ ନେଲେଣି। ଗୁରୁବାର ସେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟ ରାସ୍ତାକଡରେ ଛିଡ଼ା ହୋଇଥିବା ଲୋକଙ୍କୁ ନିଜେ ଆଖୁ ପେଡି ଦେଇଥିଲେ। ଖରାରେ ଓଦା ଗାମୁଛା, ପାଣି ବୋତଲ ସାଙ୍ଗରେ ରଖିବାକୁ ପରାମର୍ଶ ଦେଇଥିଲେ। ଅନ୍ୟପଟେ ପାଖରେ ଥିବା ଏକ ଅଟୋ ନେଇ ସ୍ଥାନୀୟ ବିଧାୟକ ଜ୍ୟୋତିରୀନ୍ଦ୍ର

**ଆଖୁ ପେଡ଼ିଲେ, ଅଟୋ ଚଳାଇଲେ ମନ୍ମଥ**

ନାଥ ମିତ୍ରଙ୍କୁ ସାଙ୍ଗରେ ନେଇ କିଛି ବାଟ ପର୍ଯ୍ୟନ୍ତ ଯାତ୍ରୀଙ୍କୁ ଛାଡିଥିଲେ। ସେପଟେ ଅପରାଜିତା ଜଟଣୀ ଭାଜପା ବିଧାୟକ ପ୍ରାର୍ଥୀ, ସମର୍ଥକଙ୍କୁ ଧରି ପ୍ରଚାର କରୁଛନ୍ତି। ସେହିପରି ୟାସିର ମଧ୍ୟ ପ୍ରଚାର ଯୋରଦାର ଚଳାଇଛନ୍ତି। ସକାଳେ ଭୁବନେଶ୍ୱର, ପୂର୍ବାହ୍ନରେ ଖୋର୍ଦ୍ଧା ପୁଣି ଅପରାହ୍ନରେ ବେଗୁନିଆ, ବୋଲଗଡ଼ରେ ବୁଲୁଛନ୍ତି।

ଅନ୍ୟପଟେ ଖୋର୍ଦ୍ଧା ଓ ବେଗୁନିଆ ନିର୍ବାଚନମଣ୍ଡଳୀ ପାଇଁ ଭାଜପା ଏବଂ ବିଜେଡି ଏଯାବତ୍ ପ୍ରାର୍ଥୀ ଘୋଷଣା କରିନାହାନ୍ତି। ଖୋର୍ଦ୍ଧାରେ ପ୍ରଚାର ଯୋର ଧରି ନ ଥିବା ବେଳେ ଭାଜପା ବିଧାୟକ ଆଶାୟୀ ପ୍ରାର୍ଥୀ କାଳୁଚରଣ ଖଣ୍ଡାୟତରାୟ ଟାଙ୍ଗୀ ଅଞ୍ଚଳରେ ପ୍ରଚାର ଚଳାଇଛନ୍ତି। ଖୋର୍ଦ୍ଧାରୁ କଂଗ୍ରେସ ବିଧାୟକ ପ୍ରାର୍ଥୀ ସୋନାଲି ସାହୁ ପ୍ରଚାରକୁ ଓହ୍ଲାଇ ନାହାନ୍ତି। ବେଗୁନିଆର କଂଗ୍ରେସ ପ୍ରାର୍ଥୀ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ଯୋରଦାର ପ୍ରଚାର ଚଳାଇଛନ୍ତି। ଭୋଟରଙ୍କ ନିକଟତର ହେବାକୁ ଘର ଘର ବୁଲି ପ୍ରଚାର କରୁଛନ୍ତି। କଂଗ୍ରେସର ଗ୍ୟାରେଣ୍ଟି ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ସହିତ ହାତ ଚିହ୍ନରେ ଭୋଟ ଦେବାକୁ ନିବେଦନ କରିଛନ୍ତି।

# ସାହିଯାତରେ ସରିଲା ରାବଣ ବଧ ନୀତି

**ପୁରୀ,୨୬।୪(ଅଜିତ୍ ମହାନ୍ତି)**

ଶ୍ରୀମନ୍ଦିର ରୀତିନୀତି ଓ ପରମ୍ପରା ଅନୁଯାୟୀ ଶ୍ରୀକ୍ଷେତ୍ରରେ ରାମନବମୀଠାରୁ ଆରମ୍ଭ ହୋଇଥିବା ସାହିଯାତ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି କ୍ରମରେ ବୈଶାଖ ମାସ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ଶୁକ୍ରବାର ରାବଣ ବଧ ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ବଢ଼ିବା ପରେ ଦକ୍ଷିଣୀ ଘରୁ ଶ୍ରୀରାମଚନ୍ଦ୍ର, ଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କୁ ମଠର ଖଟଶେଯ ଉପରକୁ ବିଜେ କରାଯାଇଥିଲା।



ଅପରପକ୍ଷେ ବାଲିସାହି ଆଖଡ଼ା ପକ୍ଷରୁ ରାବଣ ବଧ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ବାଲିସାହି ଆଖଡ଼ାର ଲୁହାଗଡ଼ ଜାଗାରୁ ବଳଭଦ୍ର ସୁଆର ରାବଣ ଏବଂ ତିନିଜଣ ବାଳକ ରାମ, ଲକ୍ଷ୍ମଣ ଏବଂ ହନୁମାନ ବେଶରେ ଜଗନ୍ନାଥ ବଲ୍ଲଭ ପରିସରରେ ନୀତି ସମ୍ପାଦନ କରିଥିଲେ। ନୀତି ସମ୍ପନ୍ନ ପରେ ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯାଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରାଯାଇଥିଲା। ବାଲିସାହି ଆଖଡା ପକ୍ଷରୁ ସମସ୍ତ ନୀତି ସମ୍ପାଦନ କରାଯାଇଥିଲା। ସେହିପରି ବାଲିସାହି ଆଖଡା ପକ୍ଷରୁ ଯାତ ବାହାରିଥିଲା। ଆଖଡ଼ା ଅନ୍ତର୍ଗତ ଥିବା ସମସ୍ତ ଜାଗା ପକ୍ଷରୁ ନାଗା, ମେଢ଼, ନବଶିରା, କାଳୀମେଢ଼, ସପ୍ତଶିରା, ଫୁଲମେଢ, ଦୁର୍ଗା ମେଢ଼ ସହ ବିଭିନ୍ନ ସମରକଳା ପ୍ରଦର୍ଶନ କରାଯାଇଥିଲା।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୨୬।୪।୨୦୨୪

| | |
|---|---|
| ୩,୪୩,୪୦୨ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ୧୭ ଗ୍ରାମ୍ |

## ସଂକ୍ଷେପରେ

### ଗୋଟିଏ ଜୁଇରେ ଜଳିଲା ଦୁଇଭଉଣୀଙ୍କ ମୃତଦେହ

**ଗୋପ,୨୬।୪(ଭାରତୀ ଭୂଷଣ ଉପାଧ୍ୟାୟ):**

ଗାଁ ଶ୍ମଶାନର ଗୋଟିଏ ଜୁଇରେ ଦୁଇ ଭଉଣୀଙ୍କ ମୃତଦେହ ଦାହ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ଏହି ଦାହ ସମୟରେ ଡଭାର ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସୂଚନାଯୋଗ୍ୟ, ଗୁରୁବାର ମଧ୍ୟାହ୍ନରେ ଗୋପ ଥାନା ଅନ୍ତର୍ଗତ ଡଭାର ଗ୍ରାମରେ ସମ୍ପର୍କୀୟ ଦୁଇଭଉଣୀ ସ୍ମୃତିରେଖା (୧୧) ଓ ଶୁଭଶ୍ରୀ (୯) ଗାଁ ପୋଖରୀକୁ ଗାଧୋଇ ଯାଇଥିବାବେଳେ ବୁଡ଼ିଯାଇଥିଲେ। ଗ୍ରାମବାସୀ ଓ ପରିବାର ସଦସ୍ୟ ଉଭୟଙ୍କୁ ଉଦ୍ଧାର କରି ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ତେବେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଗୋପ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ହୋଇ ଆସିବା ପରେ ମୃତଦେହ ଦୁଇଟିକୁ ଗାଁ ଶ୍ମଶାନରେ ସତ୍କାର କରାଯାଇଥିଲା। ଗାଁ ସ୍କୁଲରେ ସ୍ମୃତିରେଖା ୫ମ ଓ ଶୁଭଶ୍ରୀ ଚତୁର୍ଥ ଶେଣୀର ପଢୁଥିଲେ ବୋଲି ଜଣାପଡ଼ିଛି।

### ବ୍ୟାନରରେ ଚାଲିଛି ଜଳଛତ୍ର

**କଣାସ,୨୬।୪(ବିଭୂତି ଭୂଷଣ ତ୍ରିପାଠୀ):**

କଣାସ ବ୍ଲକର କାଁ ଭାଁ ସ୍ଥାନରେ ଜଳଛତ୍ର ଖୋଲା ଯାଇଥିବାବେଳେ କେତେକ ସ୍ଥାନରେ କେବଳ ବ୍ୟାନର ଟଙ୍ଗାଯାଇଛି। ସେଠାରେ ମାଟିହାଣ୍ଡି ଖାଲି ଗଡୁଛି। କାଦୁଆ ସରପଞ୍ଚ ଦୁଃଶାସନ ସ୍ୱାଇଁ ଓାର୍ଡସଭ୍ୟମାନଙ୍କୁ ନିଜ ଗାଁ ଛକଜାଗାରେ ଜଳଛତ୍ର ଖୋଲିବାକୁ ନିର୍ଦ୍ଦେଶ ଦେଇଥିବା କହିଥିଲେ। ଅନ୍ୟପକ୍ଷରେ ବିଡିଓ ନାରାୟଣ ସାହୁ କହିଛନ୍ତି, ଜଳଛତ୍ର ନ ଖୋଲିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ।

### ଆଇନଜୀବୀଙ୍କ ପରଲୋକ

**ପିପିଲି,୨୬।୪**
**(ପ୍ରଭାତ କୁମାର ମହାପାତ୍ର)**

ପିପିଲି କୋର୍ଟର ଆଇନଜୀବୀ ଏମ୍.ଡି. ସଫିକଙ୍କର ୫୪ବର୍ଷ ବୟସରେ ହୃଦଘାତରେ ଶୁକ୍ରବାର ପରଲୋକ ଘଟିଛି। ସେ ଦୀର୍ଘ ୪ବର୍ଷ ହେବ କିଡ୍‌ନୀଜନିତ ରୋଗରେ ପୀଡ଼ିତ ଥିଲେ। ଶୁକ୍ରବାର ସକାଳେ ସଫିକ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତୁରନ୍ତ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପିପିଲି ଓକିଲ ସଂଘ ସଭାପତି ରାଜକିଶୋର ସ୍ୱାଇଁ ସଫିକଙ୍କ ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ଏନେଇ ପିପିଲିର ଉଭୟ ଜେଏମ୍ଏଫ୍‌ସି ଏବଂ ଏଏସଜେ କୋର୍ଟ କାର୍ଯ୍ୟ



ବନ୍ଦ ରହିଥିଲା। ଓକିଲ ସଂଘ ପକ୍ଷରୁ ବାର୍ ଆସୋସିଏଶନ ସଭା କକ୍ଷରେ ସଭାପତି ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଫିକ୍‌ଙ୍କ ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଆଇନଜୀବୀମାନେ ସଫିକଙ୍କ ସ୍ମୃତିଚାରଣ କରିଥିଲେ। ଓକିଲ ସଂଘ ସମ୍ପାଦକ ବସନ୍ତ କୁମାର ପରିଡ଼ା, ବରିଷ୍ଠ ଆଇନଜୀବୀ ସୁଧିର କୁମାର ମହାନ୍ତି, ପ୍ରସନ୍ନ କୁମାର ଚମ୍ପତି, ସୂର୍ଯ୍ୟନାରାୟଣ ନାୟକ, ରମାକାନ୍ତ ସାହୁ, ବିଭୁପ୍ରସାଦ ବୈରିଗଞ୍ଜନ, ବୀରେନ୍ଦ୍ର ଭୁଜବଳ, ହାଡ଼ିବନ୍ଧୁ ଜେନା, ସୂର୍ଯ୍ୟନାରାୟଣ ନାୟକ, ସୁବାଷ ଚନ୍ଦ୍ର ବିଶ୍ୱାଳ, ସନାତନ ବିଶ୍ୱାଳ, ଅନିଲ ଦଳାଇ, ସୁରେଖା ଦାସ, ଦିଲୀପ କୁମାର ରାୟ, ଅନିଲ ଦାସ, ହେମନ୍ତ କର, ଶଙ୍କର୍ଷଣ ପ୍ରଧାନ, ବିନାୟକ ପ୍ରଧାନ, ରମେଶ ଚନ୍ଦ୍ର ଦାଶ, ରସିଦ ଖାନ, ନିର୍ମଳ ଯାଦବ, ଅନଙ୍ଗ ସେନାପତି, ପ୍ରମୋଦ କୁମାର ସାହୁ ପ୍ରମୁଖ ସଫିକଙ୍କ ସ୍ମୃତି ଚାରଣ କରିଥିଲେ।

# ୧୦ ଦିନ ହେଲା ବିଏସ୍ଏନ୍ଏଲ୍ ନେଟୱର୍କ ନାହିଁ

**ସାକ୍ଷୀଗୋପାଳ,୨୬।୪(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସାକ୍ଷୀଗୋପାଳ ସମେତ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ୧୦ଦିନରୁ ଉର୍ଦ୍ଧ୍ୱ ହେବ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍ଏନ୍ଏଲ)ର ଫାଇବର ଟୁ ହୋମ ସେବା ଓ ମୋବାଇଲ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ଫଳରେ ୧ ଲକ୍ଷ ୧୨ ହଜାରରୁ ଉର୍ଦ୍ଧ୍ୱ ମୋବାଇଲ ଉପଭୋକ୍ତା ସେବା ନ ପାଇ ଯୋଗାଯୋଗ ସମସ୍ୟା ଭୋଗୁଛନ୍ତି। ଏହି ସମସ୍ୟା ନେଇ ଉପଭୋକ୍ତା ଅଭିଜିତ ପ୍ରିୟରଞ୍ଜନ ଅସନ୍ତୋଷ ବ୍ୟକ୍ତ କରି

**ଉପଭୋକ୍ତା ହଇରାଣ**

କହିଛନ୍ତି, ଗତ ୧୦ ଦିନ ହେବ ମୋର ମୋବାଇଲ ନେଟୱର୍କ ରହୁନାହିଁ, କିନ୍ତୁ ମାସିକ ରିଚାର୍ଜ କରିଛି। ଫୋନ ମାଧ୍ୟମରେ ମୁଁ ଅନେକ କାର୍ଯ୍ୟ କରିଥାଏ। ଏବେ କାମ କରିପାରୁ ନଥିବାରୁ ମୁଁ ହଇରାଣ ହେଉଛି। ଯଦି କମ୍ପାନୀ ଏଭଳି ଦୁର୍ବଳ ସେବା ପ୍ରଦାନ କରେ କିମ୍ବା ତୁରନ୍ତ ପଦକ୍ଷେପ ନ ନିଏ ତେବେ ମୁଁ କମ୍ପାନୀ ନାମରେ ମାମଲା କରିବି। ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ପଚରାଯିବାରେ ସେ କହିଛନ୍ତି, ଏବେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱରେ ଏକ କମ୍ପାନୀର ପାଇପ ଲାଇନ ବିଛାଇବା ନିମନ୍ତେ ଖନନ କାର୍ଯ୍ୟ ଚାଲିଛି। ଖନନ କାର୍ଯ୍ୟ ବେଳେ କୌଣସି ଏକ ସ୍ଥାନରେ ବିଏସ୍ଏନ୍ଏଲ ମୁଖ୍ୟ କେବୁଲ କଟିଯିବାରୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ତେଣୁ ସାତଶଙ୍ଖ, ସାକ୍ଷୀଗୋପାଳ, ପୁରୀ ଓ ବ୍ରହ୍ମଗିରି ଅଞ୍ଚଳର ୭ଟି ଟାୱାର ଅଚଳ ହୋଇଯିବାରୁ ସମସ୍ୟା ଉପୁଜୁଛି। ତୁରନ୍ତ ଏହି ସମସ୍ୟାର ସମାଧାନ କରାଯିବାକୁ ବିଭାଗ ଉଦ୍ୟମ କରୁଛି। ତେବେ ଆବଶ୍ୟକ ସଂଖ୍ୟକ କର୍ମଚାରୀ ଅଭାବରୁ ଏହି କାର୍ଯ୍ୟ କରିବାରେ ବିଳମ୍ବ ଘଟୁଛି।



ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରୁ ଶୁକ୍ରବାର କଂଗ୍ରେସ ବିଧାନସଭା ପ୍ରାର୍ଥୀଙ୍କ ପକ୍ଷରୁ ନିର୍ବାଚନ ପ୍ରଚାର ଶୋଭାଯାତ୍ରା ବାହାରିଛି ।

# ନିର୍ବାଚନ ଲଢ଼ିବେନି ପ୍ରିୟଦର୍ଶନ

**ପୁରୀ,୨୬।୪(ଅଜିତ୍ ମହାନ୍ତି)**

ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଚଳିତ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ପୂର୍ବରୁ ସୂଚନା ଦେବା ସହ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସହ ଆଲୋଚନା କରିଥିଲେ। ତେବେ ସେ ଚଳିତ ନିର୍ବାଚନରୁ ଓହରିଯାଇଥିବା ପ୍ରିୟଦର୍ଶନ ଶୁକ୍ରବାର ସୂଚନା ଦେଇଛନ୍ତି। କଳାଟଙ୍କା, ମଦ, ମାଂସ, ଭୋଜିଭାତକୁ ବିରୋଧ କରି ପସନ୍ଦ ନ ହେଉଥିବା ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ନୋଟାରେ ଭୋଟ ଦେବାକୁ ସେ ଆହ୍ୱାନ ଦେଇଛନ୍ତି। ପ୍ରିୟଦର୍ଶନ ଦର୍ଶାଇଛନ୍ତି ଯେ, ବର୍ଷ ବର୍ଷ ଧରି ସରକାର ଓ ପ୍ରଶାସନର ମନମୁଖୀ ଶାସନକୁ ସେ ବିରୋଧ କରିଆସୁଛନ୍ତି। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଧର୍ମ, ସଂସ୍କୃତି, ପରମ୍ପରା, ପ୍ରକଳ୍ପ ନାମରେ ଶହ ଶହ କୋଟି ଟଙ୍କା ହରିଲୁଟ କରିବା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ସୁରକ୍ଷା, ଠାକୁରଙ୍କୁ ବୁଲାଇ ଭିକ ମଗାଇବା, ଉଷୁନା ଚାଉଳରେ ମହାପ୍ରସାଦ କରିବା, କାମିନା ଜାନୀଙ୍କୁ ଶ୍ରୀମନ୍ଦିରରେ ପୂରାଇ ମହାପ୍ରସାଦର ବିଜ୍ଞାପନ କରାଇବା ଆଦି ପ୍ରସଙ୍ଗ ନେଇ ପଲ୍ଲୀଠାରୁ ଦିଲ୍ଲୀ ଯାଏ ଆନ୍ଦୋଳନ ଜାରି ରହିଛି। ସେହିପରି କରୋନା ସମୟରେ ରଥଯାତ୍ରା ହେବା, ଆନ୍ଦୋଳନ କରି ପୁରୀବାସୀଙ୍କ ପାଇଁ ପଶ୍ଚିମଦ୍ୱାର ଖୋଲିବା, ବିଜୁ ବାବୁଙ୍କ ଡାକୋଟା ବିମାନକୁ ଓଡ଼ିଶା ଫେରାଇ ଆଣିବା, ପୁରୀରେ ଆଉ ବ୍ଲୁ ଫ୍ଲାଗ୍ ବିଚ୍ କରାଇ ନ ଦେବା, ୮୦ ହଜାର ପରିବାରଙ୍କ ଜମିଜମା ସମସ୍ୟାର ସମାଧାନ କରିବା ସହ ବିଭିନ୍ନ ପ୍ରସଙ୍ଗ ନେଇ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ପରମ୍ପରା ରକ୍ଷା ପାଇଁ ଲଢେଇ ଜାରି ରହିଛି ଏବଂ ରହିବ ବୋଲି ସେ କହିଛନ୍ତି। କେବଳ ନିର୍ବାଚନ ଜିତିଲେ ଲୋକଙ୍କ ସେବା କରିହୁଏ ନାହିଁ। ସେବା ପାଇଁ ମାନସିକତା ରହିବା ଦରକାର। ସେଥିପାଇଁ ପଦପଦବୀର ଆବଶ୍ୟକତା ନାହିଁ। ତେଣୁ ସେ ନିର୍ବାଚନ ନ ଲଢିବା ପାଇଁ ନିଷ୍ପତ୍ତି ନେଇଛନ୍ତି ବୋଲି ପ୍ରିୟଦର୍ଶନ କହିଛନ୍ତି।

# ଟେନିସ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

**ପୁରୀ,୨୬।୪(ଅଜିତ୍ ମହାନ୍ତି)**

ପୁରୀ ଜିଲା ଟେନିସ୍ ଆସୋସିଏଶନ୍ ପକ୍ଷରୁ ପୁରୀ କ୍ଲବ୍ ଟେନିସ୍ ଗ୍ରାଉଣ୍ଡରେ ଆୟୋଜିତ ୫ଦିନିଆ ସର୍ବଭାରତୀୟ ଟେନିସ୍ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଦେଶର ବିଭିନ୍ନ ସ୍ଥାନରୁ ୧୪ ବର୍ଷରୁ କମ୍ ବାଳିକା ବାଳକ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ସିରିଜ୍‌ରେ ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ ପଶ୍ଚିମବଙ୍ଗର ସାହାବାଜ ସାଙ୍ଗରା ଓ ମନଦୀପ ଦେ ପଶ୍ଚିମବଙ୍ଗର ଇରାଜ କୁମାର ସା ଏବଂ ପ୍ରିୟାଂଶ ଚକ୍ରବର୍ତ୍ତୀଙ୍କୁ ୬-୪, ୭-୫ରେ ହରାଇ ଟାଇଟଲ ହାସଲ କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ଓଡ଼ିଶାର ସାଜାଫା ୬-୧, ୭-୧ରେ ଏସ୍. କେ. ଅନୁଷ୍କା ସାହାଙ୍କୁ ପରାସ୍ତ କରିଥିଲେ। ବାଳକ ବିଭାଗରେ ପଶ୍ଚିମବଙ୍ଗ ମନ୍‌ଦୀପ ଦେ ବାଳକ ଏକକରେ ୬-୧, ୬-୦ରେ ଓଡ଼ିଶାର ଶ୍ରେୟାନ୍ ପଟ୍ଟନାୟକଙ୍କୁ ହରାଇ ବିଜୟ ହାସଲ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସଞ୍ଜୀବ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ଟେନିସ୍ କୋଚ୍ ବିଶ୍ୱଜିତ୍ ଦାସ, ଟେନିସ୍ ଚାମ୍ପିୟନଶିପ୍ ସିରିଜ୍‌ର ନିର୍ଦ୍ଦେଶକ ଇଂ. ରୋଜା ପ୍ରିୟଦର୍ଶୀଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ପୁରୀ ଜିଲା ଟେନିସ୍ ଆସୋସିଏଶନ୍‌ର ସମ୍ପାଦକ ସୁନିଲ ମହାପାତ୍ର, କୋଷାଧ୍ୟକ୍ଷ ଭୀମସେନ୍ ପାତ୍ର, ସଭ୍ୟ ଜୟଦାସ ଗୁପ୍ତା, ସୁମନ୍ତ ସୁବୁଦ୍ଧି, କ୍ଷୀରୋଦ ମିଶ୍ର, ଆଲୋକ ସାମନ୍ତରାଏ, ସୁଜିତ୍ ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି**
**ଚିଙ୍ଗୁଡ଼ି ଶୁଖୁଆ ପୋଇକି**
**ଯାହାର ମନ ଯହିଁକି**
**ବସି ରହିଥାଏ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସର୍ପ ସମାନ ଭୟଙ୍କର**
**ଦୁର୍ଜନ ଜନେ ପରିହର।**

ଦୁର୍ଜନ ଲୋକ ସର୍ପଠାରୁ ବି ଆହୁରି ଅଧିକ ଭୟଙ୍କର ହୋଇଥାନ୍ତି। ଏମାନଙ୍କ ସହ ବନ୍ଧୁତା ରଖିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ଏଣୁ ଏମାନଙ୍କ ସଙ୍ଗ ସର୍ବଦା ବର୍ଜନୀୟ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୱାର୍ଲଡ ବୁକ୍ ଅଫ ରେକର୍ଡ୍ସରେ ଲଗ୍ନଲୋକିତ

**ପୁରୀ ୨୬।୪( ଅଜିତ୍ ମହାନ୍ତି)**

ମାତ୍ର ୭ ବର୍ଷ ବୟସରେ ପୁଣି ଥରେ ୱାର୍ଲଡ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଛନ୍ତି ପୁରୀ ସିଦ୍ଧମହାବୀରପାଟଣା ଅଟାକଳ ଲେନ୍‌ର ଲଗ୍ନଲୋକିତ ତ୍ରିପାଠୀ। ୨୦୨୨ରେ ସେ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇ ନିଜ ପରିବାର ଏବଂ ଓଡ଼ିଶା ନିମନ୍ତେ ଗୌରବ ଆଣିଥିଲେ। ପୁଣି ଏବେ ୱାର୍ଲଡ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇ ରାଜ୍ୟ ଲାଗି ଗୌରବ ଆଣିଥିବାରୁ ତାଙ୍କୁ ରାଜ୍ୟପାଳ ରଘୁବର ଦାସ ପ୍ରଶଂସା କରିଛନ୍ତି। ପୂର୍ବରୁ ସେ ୨ମିନିଟ୍ ୭ ସେକେଣ୍ଡରେ ୫୦ଟି ଉଦ୍ଭିଦର ସାଇଣ୍ଟିଫିକ ନାମ ସହ ଫାମିଲି ନାମ କହି ରେକର୍ଡ ହୋଲଡର ହୋଇପାରିଛନ୍ତି। ଡ. ନଳିନୀକାନ୍ତ ତ୍ରିପାଠୀ ଓ ପ୍ରଦ୍ୟୁତି ଦାଶଙ୍କ ପୁତ୍ର ଲଗ୍ନ ମାଟିଆପଡ଼ା ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ର। ଏହାପୂର୍ବରୁ ସେ ଇଣ୍ଡିଆ ବୁକ୍‌ରେ ନିଜ ନାମ ଅନ୍ତର୍ଭୁକ୍ତ କରିବା ସହ ଗ୍ଲୋବାଲ ଆଚିଭର ଆୱାର୍ଡ ସମେତ ୧୫୦ରୁ ଉର୍ଦ୍ଧ୍ୱ ପୁରସ୍କାର ପାଇଛନ୍ତି। ତାଙ୍କୁ ହିମାଚଳ ପ୍ରଦେଶର ପୂର୍ବତନ ରାଜ୍ୟପାଳ ମଧ୍ୟ ସମ୍ମାନିତ କରିଥିଲେ। ପୂର୍ବରୁ ଲଗ୍ନ ଇଣ୍ଟର ସ୍କୁଲ ଡ୍ରଇଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ଅନ୍ତର୍ଜାତୀୟ ବିଜ୍ଞାନ ପ୍ରତିଯୋଗିତାରେ ୬୪, ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡରେ ୧୧, ଅନ୍ତର୍ଜାତୀୟ ଇଂଲିଶ ଅଲିମ୍ପିଆଡରେ ୬ତମ ସ୍ଥାନରେ ରହିବା ସହ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ସେହିପରି ଜାତୀୟ ଏନ୍ଏଲସିରେ ୧୦ ମିନିଟରେ ୧୮୦ଟି ମିଶାଣ ଓ ଫେଡାଣ କରି ରାଜ୍ୟର ପ୍ରଥମ ଓ ଦେଶରେ ୩୦ ତମ ସ୍ଥାନ ଅକ୍ତିଆର କରିଥିଲେ। ଲଗ୍ନ ତାଙ୍କର ଏହି ସଫଳତାର ଶ୍ରେୟ ଅଜା, ଆଈ, ମା, ବାପା ଏବଂ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଦେଇଛନ୍ତି। ତାଙ୍କ ନିକଟକୁ ପ୍ରଶଂସାର ସୁଅ ଛୁଟୁଛି।



ରାଜ୍ୟପାଳ ରଘୁବର ଦାସଙ୍କ ସହ ଲଗ୍ନଲୋକିତ ତ୍ରିପାଠୀ ।

# ହାପିନେସ୍ ଫାଉଣ୍ଡେଶନର ୪ର୍ଥ ପ୍ରତିଷ୍ଠା ଦିବସ

**ପୁରୀ, ୨୬।୪(ଅଜିତ୍ ମହାନ୍ତି)**

ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ହାପିନେସ୍ ଫାଉଣ୍ଡେଶନ'ର ୪ର୍ଥ ପ୍ରତିଷ୍ଠା ଦିବସ ଶୁକ୍ରବାର ନିଆରା ଢଙ୍ଗରେ ପାଳନ କରାଯାଇଛି। ଦିନକୁ ଦିନ ଗ୍ରୀଷ୍ମର ପ୍ରକୋପ ବଢୁଥିବାରୁ ଅଧିକାଂଶ ଜଳଉତ୍ସ ଶୁଖିଯିବାକୁ ଲାଗିଛି। ତେଣୁ ପଶୁପକ୍ଷୀମାନେ ପାଣି ପିଇବା ପାଇଁ ହନ୍ତସନ୍ତ ହେବା ସହ ମୃତ୍ୟୁର ଶିକାର ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅନୁଷ୍ଠାନ ପକ୍ଷରୁ ୨୦୦ରୁ ଉର୍ଦ୍ଧ୍ୱ ମାଟିରେ ତିଆରି ପାଣିପାତ୍ର ବଣ୍ଟନ କରି ଲୋକଙ୍କୁ ସଚେତନ କରାଯାଇଛି। ପାଣିପାତ୍ରଗୁଡ଼ିକୁ ସମସ୍ତେ ନିଜ ନିଜ ଘର ଅଗଣା କିମ୍ବା ଛାତ ଉପରେ ଛାଇ ଜାଗାରେ ରଖିବା ସହିତ ସାହି ପଡ଼ୋଶୀଙ୍କୁ ସଚେତନ କରାଇବା ପାଇଁ କୁହାଯାଇଛି। ଏହି କାର୍ଯ୍ୟକ୍ରମରେ

**ପଶୁପକ୍ଷୀଙ୍କ ପାଇଁ ମାଟି ପାଣିପାତ୍ର ବାଣ୍ଟି ସଚେତନ କଲେ ସଦସ୍ୟ**

ଅତିଥି ଭାବେ ସାମାଜିକ କର୍ମୀ ଚକ୍ରଧର ମହାପାତ୍ର, ଖବରଦାତା ତଥା ଆଇନଜୀବୀ ପ୍ରସନ୍ନ କୁମାର ଦାଶ ଏବଂ ନାରାୟଣ ଦାଶ ଯୋଗଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ଏହି ନିଆରା ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ, ସଂଯୋଜକ ପ୍ରଶାନ୍ତ ମହାପାତ୍ର, ସଂଯୋଜିକା ଜ୍ୟୋତିର୍ମୟୀ ଦାଶ, ମାମିନା ପ୍ରଧାନ, ରୋଜାଲିନ ସାହୁ ଓ ବିଷ୍ଣୁପ୍ରିୟା ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।



ମାଟି ପାଣିପାତ୍ର ସହ ହାପିନେସ୍ ଫାଉଣ୍ଡେଶନର ସଦସ୍ୟମାନେ ।

# ରଥଯାତ୍ରାରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ପୁରୀ,୨୬।୪(ଅଜିତ୍ ମହାନ୍ତି)**

ବିଗତ ବର୍ଷଗୁଡ଼ିକରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ସ୍ୱେଚ୍ଛାସେବୀମାନଙ୍କ ସେବା ପ୍ରଶଂସନୀୟ ଥିଲା। ଚଳିତବର୍ଷର ରଥଯାତ୍ରାରେ ମଧ୍ୟ ଅନୁରୂପ ଭାବେ ଉଲ୍ଲେଖନୀୟ ସେବା ଯୋଗାଇଦେବାକୁ ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅନୁରୋଧ କରିଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ପୁରୀ ଟାଉନ ହଲରେ ଜିଲା ପ୍ରଶାସନ ପକ୍ଷରୁ ଆଗାମୀ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସ୍ୱେଚ୍ଛାସେବୀମାନଙ୍କ ସହିତ ଏକ ସମନ୍ୱୟ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସ୍ୱାଇଁ ଅଧ୍ୟକ୍ଷତା କରି ଆଗାମୀ ରଥଯାତ୍ରା ସମୟରେ ବିବିଧ କାର୍ଯ୍ୟକୁ ସୁରୁଖୁରୁରେ ପରିଚାଳନା କରିବା ଲାଗି ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସଦସ୍ୟମାନେ ନିଜ ଅନୁଭବ ଓ ଅଭିଜ୍ଞତାରୁ ମହାପ୍ରଭୁଙ୍କ କାର୍ଯ୍ୟରେ ବିଭିନ୍ନ ସେବା ଯୋଗାଇଦେବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ସେହିପରି ଏସ୍‌ପି ପିନାକ ମିଶ୍ର କହିଛନ୍ତି, ରଥଯାତ୍ରା ସମୟରେ କେବଳ ପ୍ରଶାସନ ବା ପୋଲିସ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ଓ ସୁବିଧା ଯୋଗାଇବା ସମ୍ଭବପର ନୁହେଁ। ଏଥିପାଇଁ ସ୍ୱେଚ୍ଛାସେବୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମହାପ୍ରଭୁଙ୍କ ସେବା ବୋଲି ଅନୁଭବ କରି ଆମେ ସମସ୍ତେ ମିଳିମିଶି କାମ କରିବା ବୋଲି ସେ କହିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ଏବଂ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷଗୁଡ଼ିକ ଭଳି ସ୍ୱେଚ୍ଛାସେବୀମାନେ ଉନ୍ନତ ସେବା ଯୋଗାଇଦେବାକୁ ଅନୁରୋଧ କରି ପ୍ରଶାସନ ପକ୍ଷରୁ ଅନୁରୂପ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ସ୍ୱାସ୍ଥ୍ୟ, ପରିମଳ, ଚିକିତ୍ସା ସହାୟତା, ଆମ୍ବୁଲାନ୍ସ, ଷ୍ଟ୍ରେଚର ସେବା, ରକ୍ତଦାନ, ଶବ ସତ୍କାର, ଆଶୁ ଚିକିତ୍ସା କେନ୍ଦ୍ର ସ୍ଥାପନ, ପାନୀୟଜଳ ଯୋଗାଣ, ଟ୍ରାଫିକ ରକ୍ଷାରେ ସହାୟତା, ଶୃଙ୍ଖଳା ରକ୍ଷା, ଜଳସିଞ୍ଚନ, ରାସ୍ତାଘାଟ ପରିଷ୍କାର, ଶ୍ରୀମନ୍ଦିର, ଶ୍ରୀଗୁଣ୍ଡିଚା ମନ୍ଦିର, ବଡ଼ଦାଣ୍ଡ ଏବଂ ସମୁଦ୍ରକୂଳ ପରିଷ୍କାର, ତୀର୍ଥ ପୁଷ୍କରିଣୀ ପରିଷ୍କାର, ବଡ଼ଦାଣ୍ଡରୁ ବୁଲା ଗୋରୁ ଓ ଷଣ୍ଢଙ୍କୁ ହଟାଇବା, ସୂଚନା ପ୍ରଦାନ ବ୍ୟବସ୍ଥା ଓ ଉଦ୍ଧାର କାର୍ଯ୍ୟ ଇତ୍ୟାଦିକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକ ପରିଚାଳନା କରିବେ ବୋଲି ଆଲୋଚନା ହୋଇଛି। ବିଭିନ୍ନ ସବ୍‌କମିଟି ଗଠନ କରାଯାଇ ବରିଷ୍ଠ ଅଧିକାରୀ ବା ନୋଡାଲ ଅଫିସରଙ୍କ ତତ୍ତ୍ୱାବଧାନରେ ଯୋଜନାବଦ୍ଧ ଭାବେ କାର୍ଯ୍ୟ ସମ୍ପାଦନ କରାଯିବ। ଯେଉଁ କ୍ଷେତ୍ରରେ ଯେଉଁ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ଅଭିଜ୍ଞତା ରହିଛି, ସେମାନେ ସେହି କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ପୌର ନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା, ଏଡିଏମ୍ଓ ଡାକ୍ତର ବିରଜା ଶଙ୍କର ରଥ, ଅତିରିକ୍ତ ଉପଜିଲାପାଳ ନୀଳମାଧବ ମାଝି ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ପ୍ରଫୁଲ୍ଲ କୁମାର ମିଶ୍ର, ଜିଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଅନ୍ୟାନ୍ୟ ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଦିବଂଗତ ସଦସ୍ୟମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

**ରଥଯାତ୍ରା ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ-ପ୍ରଶାସନ ସମନ୍ୱୟ ସଭା**




ସମନ୍ୱୟ ସଭାରେ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ପିନାକ ମିଶ୍ର ଏବଂ ଅନ୍ୟମାନେ।

## ବିଜେଡିର ନିର୍ବାଚନୀ ସଭା

ଚୌଦ୍ୱାର,(ଆଶୁତୋଷ ଦାସ): ବିଜୁ ମହିଳା ଜନତା ଦଳ ପକ୍ଷରୁ ସ୍ଥାନୀୟ କଳାପ୍ରକାଶିନୀ କ୍ଲବ ପରିସରରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଇଛି। ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କାଙ୍କ ନେତୃତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ଲକ୍ଷ୍ମୀ ବିଳାଶିନୀ ବିଶ୍ୱାଳ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ଓ ମହିଳାଙ୍କ ସମସ୍ୟା ଉପରେ ଆଲୋଚନା କରିଥିଲେ। ନିର୍ବାଚନରେ ବିଜେଡି ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଓ ବିଧାୟକ ପ୍ରାର୍ଥୀ ସୌଭିକ୍ ବିଶ୍ୱାଳଙ୍କୁ ଜିତାଇବା ପାଇଁ ମହିଳାମାନେ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ସଭାନେତ୍ରୀ ସୁଭଦ୍ରା ଦାସ, ସବିତା ନାୟକ, କଲ୍ୟାଣୀ ସାହୁ, ମିନତି ଚୌଧୁରୀ, ଭରତ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ପୌରପାଳିକା ୩ନଂ. ୱାର୍ଡର ବହୁ ମହିଳା ଭାଜପା ଛାଡି ବିଜେଡିରେ ସାମିଲ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ପଖାଳ ଦହିକି
ଚିଙ୍ଗୁଡ଼ି ଶୁଖୁଆ ପୋଇକି
ଯାହାର ମନ ଯହିଁକି
ବସି ରହିଥାଏ ତହିଁକି।**

ସାଧାରଣତଃ ପଖାଳ ଭାତ ସହିତ ଦହି ଓ ପୋଇ ସହିତ ଚିଙ୍ଗୁଡ଼ି ଶୁଖୁଆ ପାଟିକୁ ସୁଆଦିଆ ଲାଗିଥାଏ। ସେହିପରି ଯାହାର ମନ ଯାହାଠାରେ ଥାଏ, ସିଏ ତାକୁ ହିଁ ସର୍ବଦା ଝୁରି ହେଉଥାଏ। ଖାଦ୍ୟ ସହ ରୁଚିର ସମ୍ପର୍କ ତଥା ମନ ସହ ଭାବନାର ସମ୍ପର୍କ ରହିଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସର୍ପ ସମାନ ଭୟଙ୍କର
ଦୁର୍ଜନ ଜନେ ପରିହର।**

ଦୁର୍ଜନ ଲୋକ ସର୍ପଠାରୁ ବି ଆହୁରି ଅଧିକ ଭୟଙ୍କର ହୋଇଥାନ୍ତି। ଏମାନଙ୍କ ସହ ବନ୍ଧୁତା ରଖିଲେ ବିପଦରେ ପଡିବାର ସମ୍ଭାବନା ରହିଥାଏ। ଏଣୁ ଏମାନଙ୍କ ସଙ୍ଗ ସର୍ବଦା ବର୍ଜନୀୟ ବୋଲି ଏଠାରେ ଦର୍ଶାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପାଣି ନ ମିଳିଲେ ଭୋଟ ବର୍ଜନ ଚେତାବନୀ

ମଙ୍ଗୁଳି-ଜଗତପୁର,୨୬।୪(ମାନସ ସାମଲ)

**୪ କଲୋନିରେ ପାନୀୟ ଜଳ ସମସ୍ୟା**
- ଟ୍ୟାପ୍ ଅଛି, ପାଣି ଆସୁନି
- ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ଦାବି

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଆଗ୍ରାହାଟ ପଞ୍ଚାୟତର ଲକ୍ଷ୍ମୀବିହାର, ବୈଦେଶ୍ୱର, ଶ୍ରୀବିହାର ଓ ବୈଷ୍ଣବବିହାର କଲୋନୀରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳିପାରିନାହିଁ। ଏହାକୁ ନେଇ ଅସନ୍ତୋଷ ଜୋର୍ ଧରିଛି। ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଉପରୋକ୍ତ ୪ଟି କଲୋନୀର ବାସିନ୍ଦା ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଏହି ୪ଟି କଲୋନୀରେ ୧ ହଜାରରୁ ଊର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ହେଲେ ଏଠାରେ ଦୀର୍ଘବର୍ଷ ହେବ ଲୋକମାନେ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଖରାଦିନେ ଭୂତଳ ଜଳସ୍ତର କମିଯିବାରୁ କୂଅରୁ ପାଣି ଶୁଖିଯିବା ସହ ନଳକୂପରୁ ପର୍ଯ୍ୟାପ୍ତ ପାଣି ବାହାରୁ ନାହିଁ। ଏ ସମ୍ପର୍କରେ ବୈଷ୍ଣବବିହାର କଲୋନୀ ବାସିନ୍ଦା ବିଶ୍ୱରଞ୍ଜନ କର କହିଛନ୍ତି, ୨୦୧୧ ମସିହାରେ ପ୍ରଥମ ପର୍ଯ୍ୟାୟରେ ପାଣି ପାଇପ ଲାଇନ୍ ବିଛାଯିବା ସହ ଟ୍ୟାପ୍ ଲଗାଯାଇଥିଲା। ହେଲେ ଏହା ଅଧାପନ୍ତରିଆ ଭାବେ କରାଯାଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୦ରେ ପୁନର୍ବାର ଖୋଳାଯାଇ ପାଇପ୍ ଲାଇନ୍ ବିଛାଯିବା ସହ ବିଭାଗ ପକ୍ଷରୁ ଖୁବ୍‌ଶୀଘ୍ର ପାନୀୟ ଜଳ ଯୋଗାଇ ଦିଆଯିବ ବୋଲି କୁହାଯାଉଥିଲା। ଠିକାଦାର କଲୋନୀଗୁଡ଼ିକୁ ୨ ଥର ପାଣି ପାଇପ୍ ବିଛାଇ ବିଲ୍ ହାତେଇ ନେଇଛି। କିନ୍ତୁ ପାଣି ଆସୁନାହିଁ। ଅଞ୍ଚଳବାସୀ ନିଜ ସକ୍ଷମ ଅନୁଯାୟୀ ବୋରିଂ କିମ୍ବା କୂଅ ଖୋଳି ଚଳୁଛନ୍ତି। ହେଲେ ଖରାଦିନେ କୂଅରୁ ପାଣି ଶୁଖିଯିବା ଫଳରେ ସେମାନେ ବେଶି ହଇରାଣ ହେଉଛନ୍ତି। ସେହିପରି ସ୍ଥାନୀୟ ବାସିନ୍ଦା ମାନସ ଜେନା କହିଛନ୍ତି, ଉପରୋକ୍ତ ୪ଟି କଲୋନୀର ମୁଖ୍ୟ ରାସ୍ତା ଯାହାକି ଏଆର୍‌ସି ଆରଏକ୍ସ ଡିପାର୍ଟମେଣ୍ଟ ପାଚେରିକୁ ଲାଗିଯାଇଛି। ସେହି ଜାଗା ତଳେ ପାଣି ପାଇପ୍ ସଂଯୋଗ କରାଯାଇ କଲୋନୀର ତଳ ପାର୍ଶ୍ୱ ନୂଆଗାଁକୁ ପାନୀୟଜଳ ଯୋଗାଇ ଦିଆଯାଉଛି। ନୂଆଗାଁ ବାସିନ୍ଦା ପାନୀୟଜଳ ପାଉଥିବାବେଳେ କ'ଣ ପାଇଁ ଏହି କଲୋନୀ ବାସିନ୍ଦା ଏଥିରୁ ବଞ୍ଚିତ ହୋଇଛନ୍ତି ତାହା ଜଣାପଡୁନାହିଁ। ଶ୍ରୀବିହାର କଲୋନୀ ବାସିନ୍ଦା ବିଶ୍ୱନାଥ ସାହୁ କହିଛନ୍ତି, ସମସ୍ୟାର ସ୍ଥାୟୀ ସମାଧାନ ପୂର୍ବରୁ କଲୋନୀ ବାସିନ୍ଦାଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉ। ନଚେତ୍ ଆମେ ଆସନ୍ତା ନିର୍ବାଚନରେ ଭୋଟ ବର୍ଜନ ସହ ଆନ୍ଦୋଳନକୁ ଓହ୍ଲାଇବୁ। ଏ ସମ୍ପର୍କରେ ବିଭାଗୀୟ ଆସିଷ୍ଟାଣ୍ଟ ଇଞ୍ଜିନିୟର ଅଜୟ କୁମାର ମିଶ୍ର କହିଛନ୍ତି, ଏହି ବ୍ଲକ ଅଞ୍ଚଳରେ ଜଳସ୍ତର କମିଯିବା ଫଳରେ ପ୍ରତି ଗ୍ରାମକୁ ଜଳଯୋଗାଣ ସମ୍ଭବ ହେଉନି। ଏହି ୪ଟି କାଲୋନୀକୁ ମେଗା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି। ବାଣୀପଦାରେ ମେଗାପ୍ଲାଣ୍ଟ ନିର୍ମାଣ ଚାଲିଛି। ଆସନ୍ତା ଦେଢ ବର୍ଷ ମଧ୍ୟରେ କାମ ସମ୍ପୂର୍ଣ୍ଣ ହେବା ପରେ ଲୋକମାନଙ୍କ ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇଯିବ। ଅପରପକ୍ଷରେ ବିଡିଓ ହେମନ୍ତ ମହନ୍ତ କହିଛନ୍ତି, ସ୍ଥାନୀୟ ସରପଞ୍ଚ ଓ ଜେଇଙ୍କୁ ପାନୀୟଜଳ ସମସ୍ୟା ସମ୍ପର୍କରେ ଜଣାଉଛି। ଆସନ୍ତା ୨ ଦିନ ମଧ୍ୟରେ ଉପରୋକ୍ତ କଲୋନୀରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ।


କୂଅରୁ ଜଳସ୍ତର କମିଯାଇଛି।


କାନ୍ଥରେ ପାଣି ଟ୍ୟାପ୍।

## ଜବରଦଖଲ ଉଚ୍ଛେଦ ନ ହେଲେ ଭୋଟ ଦେବୁନି

କଟକ ସଦର,୨୬।୪(ସୁଶାନ୍ତ କୁମାର ଜେନା)

ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବିରେ କଟକ ସଦର ତହସିଲ ଅନ୍ତର୍ଗତ କନ୍ଦରପୁର ଗ୍ରାମର ବାସିନ୍ଦା ଏକ ସ୍ମାରକପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। କନ୍ଦରପୁର ପଞ୍ଚାୟତର ୧୫ ଓ ୧୬ ନମ୍ବର ୱାର୍ଡର ବାସିନ୍ଦାଙ୍କ ବହୁ ଚାଷଜମି ନିଜ ଘରଠାରୁ କଟକ-ପାରାଦୀପ ରେଳ ଲାଇନ ପାଖରେ ରହିଛି। ଗ୍ରାମର ମୁଖ୍ୟରାସ୍ତାଠାରୁ ସାହି ମଧ୍ୟକୁ ସଂଯୋଗ କରୁଥିବା ୪୭୧ ନମ୍ବର ପ୍ଲଟ୍ ରାସ୍ତାର ଓସାର ୧୨ ଫୁଟରୁ ଅଧିକ ଅଛି। ଏହି ରାସ୍ତାଦେଇ ଚାଷ କାର୍ଯ୍ୟ ପାଇଁ ହଳ, ଲଙ୍ଗଳ, ଟ୍ରାକ୍ଟର ଇତ୍ୟାଦି ଜମିକୁ ଯାଇଥାଏ। କିନ୍ତୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ରାସ୍ତାକୁ ଜବରଦଖଲରେ ରଖି ସ୍ଥାୟୀ ନିର୍ମାଣ କରିବା ସହ ଗଛ ଲଗାଇଛନ୍ତି। ଫଳରେ ରାସ୍ତା ସଙ୍କୁଚିତ ହେବାରୁ ଟ୍ରାକ୍ଟର, ହଳ, ଲଙ୍ଗଳ ବିଲକୁ ଯାଇପାରୁନାହିଁ। ଏପରିକି ଗ୍ରାମରେ କୌଣସି ଅଘଟଣବେଳେ ଆମ୍ବୁଲାନ୍ସ କିମ୍ବା ଦମକଳ ଗାଡ଼ି ମଧ୍ୟ ଯିବା ଅସମ୍ଭବ ହୋଇପଡିଛି। ନିର୍ବାଚନ ପୂର୍ବରୁ ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ କରା ନ ଗଲେ ଭୋଟ ବର୍ଜନ କରିବାକୁ ବାଧ୍ୟ ହେବୁ ବୋଲି ବୈଦ୍ୟନାଥ ରାଉତ, ଅଜୟ ପ୍ରଧାନ, ପ୍ରତାପ ରାଉତ, ପ୍ରଫୁଲ୍ଲ ସ୍ୱାଇଁ, ନିରଞ୍ଜନ ସାହୁ, ବସନ୍ତ ତରାଇ, ଦୀପକ ସାହୁ, ରମେଶ ଲେଙ୍କା, ଶରତ ପ୍ରଧାନ, ରବି ଭୋଇଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ବଦଳିଲେ କିଶନନଗର ତହସିଲଦାର

କଟକ ସଦର,୨୬।୪(ସୁଶାନ୍ତ କୁମାର ଜେନା)

**ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗ**

ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗରେ କଟକ ଜିଲା କିଶନ ନଗର ତହସିଲଦାର ମଧୁସୂଦନ ନାୟକଙ୍କୁ ମୟୂରଭଞ୍ଜ ଜିଲା ବାରିପଦାକୁ ବଦଳି କରାଯାଇଛି। ନିର୍ବାଚନ ପରିପ୍ରେକ୍ଷୀରେ ଆଚରଣବିଧି ଉଲ୍ଲଂଘନ କରି ତହସିଲଦାର ନାୟକଙ୍କୁ ବଦଳି କରା ନ ଯାଇ କଟକ ଜିଲାରେ ଅବସ୍ଥାପିତ କରାଯାଇଛି ବୋଲି କଟକ ସଦର ଭାଜପା ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ସେଠୀ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ରାଜ୍ୟ ପ୍ରଶାସନ ଏହି ପଦକ୍ଷେପ ନେଇଛି। ମିଳିଥିବା ସୂଚନା ଅନୁଯାୟୀ, ତହସିଲଦାର ନାୟକ ଅତୀତରେ କେନ୍ଦ୍ରାପଡ଼ା ଜିଲାରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ନିର୍ବାଚନ କମିଶନଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ, ଜଣେ ଅଧିକାରୀ ଗୋଟିଏ ଲୋକ ସଭା କ୍ଷେତ୍ରରେ ୩ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କାର୍ଯ୍ୟ କରିଥିଲେ ପରବର୍ତ୍ତୀ ନିର୍ବାଚନ ସମୟରେ ତାଙ୍କୁ ସେଠାରେ ଅବସ୍ଥାପିତ କରାଯାଇ ପାରିବ ନାହିଁ। ହେଲେ ଏଠାରେ ଉକ୍ତ ଗାଇଡ୍‌ଲାଇନ୍ ଉଲ୍ଲଂଘନ କରାଯାଇଥିବା ସେଠୀ ଅଭିଯୋଗ କରିଛନ୍ତି। କେନ୍ଦ୍ରାପଡ଼ା ଲୋକ ସଭା କ୍ଷେତ୍ରରେ ସାଲେପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି। କିଶନ ନଗର ତହସିଲ ଅଧୀନରେ ସାଲେପୁର ନିର୍ବାଚନମଣ୍ଡଳୀର ତରିତୋ, ରଟିଲୋ, ସୁଦୁଖଣ୍ଡ, ପୁରୁଣାହାଟ ପଞ୍ଚାୟତ ରହିଛି। ସେଥିପାଇଁ ଅଭିଯୋଗ ମିଳିବା ପରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

# 'ଉତ୍ତମ ବିଚାରଧାରା ଭବିଷ୍ୟତ ଗଠନରେ ସହାୟକ ହେବ'


କାର୍ଯ୍ୟକ୍ରମରେ ଛାତ୍ରୀଙ୍କ ଗହଣରେ ବିଜେଡି ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର।

କଟକ,୨୬।୪(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ବାରବାଟୀ ଷ୍ଟାଡିୟମ ନିକଟ ହର୍ଷଗେଟ୍ ସମ୍ମିଳନୀ କକ୍ଷରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ଲୋକ ସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ଯୋଗଦେଇ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ବିଭିନ୍ନ ପାଠ୍ୟକ୍ରମ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବୈଠକରେ ବିଜେଡି କଟକ ଜିଲା ସଭାପତି ତଥା ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, ପର୍ଯ୍ୟବେକ୍ଷକ ଶୋଭେନ ମହାନ୍ତିଙ୍କ ସମେତ ୪୦୦ରୁ ଅଧିକ ଛାତ୍ରୀ ଯୋଗଦେଇଥିଲେ। ଏଥିରେ ସଂତୃପ୍ତ ଛାତ୍ରୀଙ୍କୁ କହିଛନ୍ତି, ତୁମ ଦକ୍ଷତାକୁ ଚିହ୍ନ। ତୁମ ଭିତରେ ଥିବା ଉର୍ଜା ତୁମକୁ ଆଗକୁ ନେବ। ଯେଉଁଥିରେ ତୁମେ ପାରଙ୍ଗମ, ସେ କ୍ଷେତ୍ରରେ କାର୍ଯ୍ୟକର। ଯାହା ତୁମକୁ ଖୁସି ଦେଉଛି, ସେଥିରେ ମନୋନିବେଶ କର। ଉତ୍ତମ ବିଚାରଧାରା, ଏକ ଉନ୍ନତ ଭବିଷ୍ୟତ ଗଠନ ଦିଗରେ ନିଶ୍ଚିତ ରୂପେ ସହାୟକ ହେବ। ସମସ୍ତେ ଆସନ୍ତା ନିର୍ବାଚନରେ ମତଦାନ କରି ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସଫଳ କର। ଭୋଟ ଦେବା ପୂର୍ବରୁ ପ୍ରାର୍ଥୀଙ୍କୁ ଚିହ୍ନ। ଇଣ୍ଟରନେଟ୍ ଜରିଆରେ ସେମାନଙ୍କ ବିଷୟରେ ଜାଣିବା ପରେ ନିଜ ମୂଲ୍ୟବାନ ଭୋଟ ଯୋଗ୍ୟ ପ୍ରାର୍ଥୀଙ୍କୁ ଦେଇ ବିଜୟୀ କରିବାକୁ ମିଶ୍ର ନିବେଦନ କରିଥିଲେ। ଏହି ଅବସରରେ ଉକ୍ତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦିଗରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଛାତ୍ର ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ପ୍ରୀତି ପ୍ରିୟଙ୍କା, ସନ୍ତୋଷ ମହାପାତ୍ର, ଦେବାଶିଷ ସ୍ୱାଇଁ, କଟକ ଜିଲା ଛାତ୍ର ବିଜେଡି ସଭାପତି ଆସିଫ ଅମିନ ପ୍ରମୁଖ ଉପସ୍ଥିତ ଥିଲେ।

## ଚୌଦ୍ୱାର-କଟକରେ ସ୍ୱାଧୀନ ଭାବେ ଲଢ଼ିବେ ବିପ୍ଳବ

କଟକ, ୨୬।୪(ଶିଳ୍ପା ପ୍ରିୟଦର୍ଶିନୀ)



ଚୌଦ୍ୱାର-କଟକ ବିଧାନସଭା ଆସନ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ବ୍ୟବସାୟୀ ବିପ୍ଳବ ନନ୍ଦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଏନେଇ ସେ କଟକ ପାଟରା ସାହିସ୍ଥିତ ବୁକ୍ ହାଉସ୍ କ୍ୟାମ୍ପସ୍‌ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଯେଉଁ ପ୍ରାର୍ଥୀଙ୍କୁ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀ ଭାବେ ଚୟନ କରିଛି ସେମାନେ କେତେ ମାତ୍ରାରେ ଉପଯୁକ୍ତ, ତାହା ଜନସାଧାରଣ ଭଲ ଭାବେ ଜାଣି ସାରିଛନ୍ତି। ଚୌଦ୍ୱାର-କଟକବାସୀଙ୍କ ବହୁ ସମସ୍ୟା ରହିଛି ଓ ଅନେକ କାମ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏହି ପ୍ରସଙ୍ଗ ନେଇ ଭୋଟରଙ୍କ ପାଖକୁ ଯିବି। ମୋ ବାପା ବିଜୟ ନନ୍ଦ କଂଗ୍ରେସର ବରିଷ୍ଠ ନେତା। ତଥାପି ମୁଁ ସ୍ୱାଧୀନ ଭାବେ ଲଢ଼ି ଚୌଦ୍ୱାରବାସୀଙ୍କ ପାଇଁ କାମ କରିବାକୁ ଚାହୁଁଛି।

## ବିଜେଡି କର୍ମୀ ସମ୍ମିଳନୀ

ଫୁଲନଖରା,୨୬।୪(ସତ୍ୟରଞ୍ଜନ ଦାସମହାପାତ୍ର)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଓମ୍‌ଫେଡ୍ ପଡିଆରେ ବିଜେଡି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥପୁର, ବାଲିଅନ୍ତା, ଭଇଁରୁଆ, ବେନ୍ତପୁର ପଞ୍ଚାୟତର ଦଳୀୟ କର୍ମୀମାନେ ଭଇଁରୁଆ ପଞ୍ଚାୟତରୁ ବାଇକ୍ ଶୋଭାଯାତ୍ରା ବାହାରି ଜଗନ୍ନାଥପୁର ପଞ୍ଚାୟତରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ବିଜେଡିର ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ମନ୍ମଥ ରାଉତରାୟ ଓ ଜୟଦେବ ବିଧାୟକ ପ୍ରାର୍ଥୀ ନବ କିଶୋର ମଲ୍ଲିକ ସାମିଲ ହୋଇ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ପରେ ପ୍ରାର୍ଥୀ ଦ୍ୱୟ ସମ୍ମିଳନୀରେ ଯୋଗଦେଇଥିଲେ। ବିଜେଡି ନେତା କମଳ ପାତ୍ର କର୍ମୀ ସମ୍ମିଳନୀ ଆୟୋଜନ କରିଥିଲେ।

## ସିଲିଣ୍ଡରରେ ଭୋଟର ସଚେତନତା ବାର୍ତ୍ତା



କଟକ,୨୬।୪ (କାର୍ତ୍ତିକ ସାହୁ)

ଆସନ୍ତା ନିର୍ବାଚନରେ ଭୋଟଦାନକୁ ଶତ ପ୍ରତିଶତ କରାଇବା ପାଇଁ କଟକ ଜିଲା ପ୍ରଶାସନ ଲକ୍ଷ୍ୟ ରଖିଛି। ଭୋଟରମାନଙ୍କୁ ଆକୃଷ୍ଟ କରିବା ନିମନ୍ତେ ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ମତଦାନ ବୃଦ୍ଧି ନିମନ୍ତେ ଭାରତୀୟ ନିର୍ବାଚନ ଆୟୋଗ ଏବଂ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ କଟକ ଜିଲା ପ୍ରଶାସନ ଅଭିନବ ଶୈଳୀ ଆପଣାଇଛି। ବିଶେଷକରି ଏଲ୍‌ପିଜି ସିଲିଣ୍ଡରରେ ଭୋଟର ସଚେତନତାର ବାର୍ତ୍ତା ପ୍ରଦାନ ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲାର ସମସ୍ତ ଭୋଟର ଆଗେଇ ଆସି ନିଜର ମତ ସାବ୍ୟସ୍ତ କରି ଗଣତାନ୍ତ୍ରିକ ବିଧିବ୍ୟବସ୍ଥାକୁ ମଜଭୁତ କରିବା ସହିତ ମତଦାନ କରିବାର ଅତୁଳନୀୟ ଅନୁଭୂତି ସାଉଁଟିବାକୁ ଏହି ବାର୍ତ୍ତାରେ କୁହାଯାଇଛି। କଟକ ଜିଲାର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ବାରବାଟୀ-କଟକ, ଚୌଦ୍ୱାର-କଟକ, କଟକ ସଦର, ବଡ଼ମ୍ବା, ବାଙ୍କୀ ଏବଂ ଆଠଗଡ଼ ବିଧାନସଭା ଆସନ ନିମନ୍ତେ ଆସନ୍ତା ମେ' ୨୫ ତାରିଖରେ ମତଦାନ ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ଏହି ଏଲ୍‌ପିଜି ସିଲିଣ୍ଡରଗୁଡ଼ିକରେ ଭୋଟଦାନ ତାରିଖ ମେ' ୨୫କୁ ମନେରଖିବା ନିମନ୍ତେ ବାର୍ତ୍ତା ଉଲ୍ଲେଖ ରହିଛି। କଟକ ସହରରେ ଅଧିକରୁ ଅଧିକ ସଂଖ୍ୟାରେ ଭୋଟର ମତଦାନ ପ୍ରକ୍ରିୟାରେ ଅଂଶଗ୍ରହଣ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ଜମିବାଡ଼ିକୁ ନେଇ ଆକ୍ରମଣ, ୨ କୋର୍ଟ ଚାଲାଣ

ଖୁଣ୍ଟୁଣୀ,୨୬।୪(ସଚ୍ଚିଦାନନ୍ଦ ପଣ୍ଡା)

ଜମିବାଡିକୁ କେନ୍ଦ୍ରକରି ଆକ୍ରମଣ କରିବା ଅଭିଯୋଗରେ ଗୁରୁଡିଝାଟିଆ ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ପିଠାଖିଆ ଗ୍ରାମର ଦୁଇ ଭାଇ ରାଜୁ ସ୍ୱାଇଁ ଓ ଚିଣ୍ଟୁ ସ୍ୱାଇଁ। ପୋଲିସ ସୂଚନା ଅନୁଯାୟୀ, ଜାଗାବାଡିକୁ କେନ୍ଦ୍ରକରି ଅଭିଯୁକ୍ତଙ୍କ ପରିବାର ଓ ପଡୋଶୀ ଚିନ୍ମୟ ରାଉତଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ଧରି ଶତ୍ରୁତା ଲାଗି ରହିଥିଲା। ବୁଧବାର ଏହାକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଅଭିଯୁକ୍ତ ଦ୍ୱୟ ଉତ୍ତ୍ୟକ୍ତ ହୋଇ ଚିନ୍ମୟଙ୍କୁ ଆକ୍ରମଣ କରିଥିଲେ। ଚିକିତ୍ସା ଲାଗି ତାଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଚିନ୍ମୟ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୮୭/୨୪) ରୁଜୁ କରିଥିଲା।

# 'ଜ୍ଞାନ ବିତରଣ ବ୍ୟବସାୟରେ ପରିଣତ ହେଲାଣି'

କଟକ,୨୬।୪ (କାର୍ତ୍ତିକ ସାହୁ)


ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ମିଳନୀରେ ଉପସ୍ଥିତ ଅତିଥିବୃନ୍ଦ।

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଓ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟରର ମିଳିତ ଆନୁକୂଲ୍ୟରେ ଏକ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ତଥା ବିଶ୍ୱବିଦ୍ୟାଳୟ ଇନ୍‌କ୍ୟୁବେଟର୍ସ ଫୋରମ୍‌ର ନିର୍ଦ୍ଦେଶକ ପ୍ରଫେସର ବେଦ୍ କୁମାରୀ ଭିଡିଓ ବାର୍ତ୍ତା ଜରିଆରେ କହିଛନ୍ତି, ପରିବର୍ତ୍ତିତ ପରିସ୍ଥିତିରେ ଜ୍ଞାନ ବିତରଣ ଏକ ବ୍ୟବସାୟରେ ପରିଣତ ହେଲାଣି। ଛାତ୍ରୀଛାତ୍ରମାନେ ସେମାନଙ୍କ ସୃଜନଶୀଳତାକୁ ନକଲ କରାଯିବାରୁ ସୁରକ୍ଷିତ ରଖିବା ପାଇଁ ସଚେତନ ରହିବା ଜରୁରୀ ହୋଇପଡ଼ିଛି। ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ରଙ୍ଗୀନ ପଲ୍ଲବ ତ୍ରିପାଠୀ କହିଛନ୍ତି, ବୌଦ୍ଧିକ ଜ୍ଞାନ ହେଉଛି ବ୍ୟକ୍ତିଗତ ସମ୍ପତ୍ତି। ଫାଉଣ୍ଡେଶନର ମୁଖ୍ୟ ନିର୍ବାହୀ ଅଧିକାରୀ ଦୁର୍ଗାପ୍ରସାଦ ଗୌଡ଼ କହିଛନ୍ତି, ନୂତନ ଉଦ୍ଭାବନ ଦିଗରେ ସରକାରଙ୍କ ପଦକ୍ଷେପ ଭାରତକୁ ବିଶ୍ୱ ଦରବାରରେ ପ୍ରତିଷ୍ଠା ଆଣିଦେବ। ବିଶ୍ୱବିଦ୍ୟାଳୟର ଆଇନ ପ୍ରଫେସର ଡ. ଇତିଶ୍ରୀ ମିଶ୍ର ବାସ୍ତବ ଜୀବନର କେତେକ ଘଟଣା ସଂକ୍ରାନ୍ତରେ ଉପସ୍ଥାପନ କରିଥିଲେ। ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ଅନୁପ ପାଇକରାୟ ଛାତ୍ରୀଛାତ୍ରଙ୍କୁ ନିଜ ସଫଳତାର କାହାଣୀ ଶୁଣାଇଥିଲେ। ଏହି ଅବସରରେ ଫାଉଣ୍ଡେଶନ ସହ ବିଶ୍ୱବିଦ୍ୟାଳୟର ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା। ବିଶ୍ୱବିଦ୍ୟାଳୟର ଇନ୍‌କ୍ୟୁବେଟର୍ସରେ ମଧୁବ୍ରତା ରାୟସିଂହ, ଡ. ଆର୍ଯ୍ୟଲୋପା ମିଶ୍ର, ଡ. ସୁଦତ୍ତା ବାରିକ ଓ ଡ. ମୟଙ୍କ ତିୱାରିଙ୍କୁ ସାମିଲ କରାଯାଇଛି। ବିତ୍ତ ଅଧିକାରୀ ପ୍ରତିମା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଥିଲେ।



କଟକ ଦୋଳମୁଣ୍ଡାଇସ୍ଥିତ ଏକ ହୋଟେଲରେ ଶୁକ୍ରବାର ଅନୁଷ୍ଠିତ ରୋଟାରି ସାହିତ୍ୟ ସନ୍ଧ୍ୟାରେ କଥାକାର ଗୌରହରି ଦାସ ଓ ସାହିତ୍ୟିକା ଡ. ଗାୟତ୍ରୀ ଦେବୀଙ୍କୁ ସମ୍ମାନିତ କରାଯାଉଛି।


ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଜୟନ୍ତୀ ଅବସରରେ କଟକ ଓଏମ୍‌ପି ଛକସ୍ଥିତ ପାରଳା ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।

## ସଂକ୍ଷେପରେ

### ଟାଙ୍ଗୀରେ ସ୍ୱାସ୍ଥ୍ୟ ଶିବିର

**ଟାଙ୍ଗୀ,୨୬।୪(ରଘୁନାଥ ସାହୁ):** ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍ସ ମେଡିକାଲର ବିଭିନ୍ନ ବିଭାଗର ବିଶେଷଜ୍ଞମାନେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ପରାମର୍ଶ ଦେଇଥିଲେ। ଏହି ଅବସରରେ ସମ୍ମିଳନୀ କକ୍ଷରେ ବୈଠକ ହୋଇଥିଲା। ଆଗାମୀ ଦିନରେ ଟାଙ୍ଗୀ ଅଞ୍ଚଳର ଜନସାଧାରଣଙ୍କୁ ଏମ୍ସ ପକ୍ଷରୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। ମଧୁମେହ ରୋଗ ସହ ଗୁରୁତର ଗର୍ଭବତୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇବା, ଡ୍ରୋନ ସାହାଯ୍ୟରେ ରୋଗୀମାନଙ୍କୁ ରକ୍ତ ଓ ଔଷଧ ଯୋଗାଇ ଦିଆଯାଉଛି ବୋଲି ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା.ଆଶୁତୋଷ ବିଶ୍ୱାସ, ଅଧୀକ୍ଷକ ଡା. ଦିଲୀପ ପରିଡ଼ା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା.ସତ୍ୟ ରଞ୍ଜନ ନନ୍ଦ, ଅରବିନ୍ଦ ସିଂ, ସ୍ୱୟଂ ପ୍ରଜ୍ଞା ପରିଡ଼ା, ଅଭିଷେକ ମିଶ୍ର ପରିଚାଳନା କରିଥିଲେ। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ନର୍ସ, ଫାର୍ମାସିଷ୍ଟ ଓ ଦାୟିତ୍ୱରେ ଥିବା ସୁପରିଟେଣ୍ଡ ଡା.ସତ୍ୟ ରଞ୍ଜନ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଜନ୍ମିତ ଶିଶୁ ସ୍ଥିରତା ୟୁନିଟ୍ କେନ୍ଦ୍ର ଉଦ୍‌ଘାଟିତ

**ଟାଙ୍ଗୀ,୨୬।୪(ରଘୁନାଥ ସାହୁ):** ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଜନ୍ମିତ ଶିଶୁ ସ୍ଥିରତା ୟୁନିଟ୍ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଅତିରିକ୍ତ ଖୋର୍ଦ୍ଧା ଜିଲା ଚିକିତ୍ସାଧିକାରୀ ଡା. ରଘୁନାଥ ନାୟକ ଯୋଗଦେଇ ଏହି ୟୁନିଟ୍‌କୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସତ୍ୟ ରଞ୍ଜନ ନନ୍ଦ ଉପସ୍ଥିତ ଥିଲେ। ଏହି ୟୁନିଟ୍ କାର୍ଯ୍ୟକାରୀ ହେବା ଦ୍ୱାରା କମ୍ ଓଜନର ଜନ୍ମିତ ଶିଶୁଙ୍କୁ ତ୍ୱରିତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଇପାରିବ ବୋଲି ଶିଶୁ ବିଶେଷଜ୍ଞ ଡା.ଦେବାଶିଷ ଦାସ ସୂଚନା ଦେଇଛନ୍ତି। ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ନୂତନ ୟୁନିଟ ଉଦ୍‌ଘାଟନ ହୋଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଛି।

### ରାଜୀବ ହେଲେ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟି ସଭାପତି

**ଖୋର୍ଦ୍ଧା,୨୬।୪(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲାରେ କଂଗ୍ରେସକୁ କ୍ରିୟାଶୀଳ ଓ ସଙ୍ଗଠନକୁ ମଜଭୁତ କରିବା ପାଇଁ ଓଡ଼ିଶା



ପ୍ରଦେଶ କଂଗ୍ରେସ କମିଟି(ଓପିସିସି) ସଭାପତି ଶରତ ପଟ୍ଟନାୟକ ଖୋର୍ଦ୍ଧା ଜିଲା କଂଗ୍ରେସ କମିଟିର ସଭାପତି ଭାବେ ରାଜୀବ ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ପିସିସି ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏନେଇ ରାଜୀବଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ରାଜୀବ ବର୍ତ୍ତମାନ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ଓ ମୁଖପାତ୍ର ରୂପେ କାର୍ଯ୍ୟରତ ଅଛନ୍ତି। ରାଜୀବ ଛାତ୍ର ଜୀବନରୁ କଂଗ୍ରେସ ରାଜନୀତି ସହ ଜଡ଼ିତ। କ୍ୟାପିଟାଲ ଲ କଲେଜର ସଭାପତି ରୂପେ ନିର୍ବାଚିତ ହେଲାପରେ ଛାତ୍ର କଂଗ୍ରେସର ଜାତୀୟ ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟକରି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି।

### ଗଣ୍ଡଗୋଳ: ଜଣେ ଆହତ

**ବେଗୁନିଆ,୨୬।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ଥାନା ଅନ୍ତର୍ଗତ ଜାମ୍ବୁସାହି ଗ୍ରାମର ପ୍ରଫୁଲ୍ଲ କୁମାର ମାର୍ଥା ଓ ପ୍ରଭାକର ମାର୍ଥାଙ୍କ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ପୂର୍ବଶତ୍ରୁତା ରହିଥିଲା। ଶୁକ୍ରବାର ପୂର୍ବାହ୍ନରେ ପ୍ରଫୁଲ୍ଲଙ୍କ ଦୁଇ ପୁଅ କୌଣସି କାରଣକୁ ନେଇ ପ୍ରଭାକରଙ୍କ ପୁଅ ଅନିଲକୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସେପଟେ ପ୍ରଫୁଲଙ୍କ ପରିବାର ସଦସ୍ୟ ଫେରାର ଥିବା ପୋଲିସ କହିଛି।

### ଶ୍ରୀରାମଚରିତ ମାନସ ପାରାୟଣ ଉଦ୍‌ଯାପିତ

**ବେଗୁନିଆ,୨୬।୪(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ ଦେଉଳି ପଞ୍ଚାୟତ ଗୋଡା ଗ୍ରାମସ୍ଥିତ ଲୋକନାଥ ଦେବଙ୍କ ମନ୍ଦିର ପରିସରରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଦ୍ୱାଦଶ ଶ୍ରୀରାମ ଚରିତ ମାନସ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ବୈଦିକ ରୀତିନୀତି ଅନୁଯାୟୀ କଳସ ସ୍ଥାପନ ପରେ ଶୁଦ୍ଧପୂତ ଭାବେ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଆରମ୍ଭ ହୋଇଥିଲା। ଶ୍ରୀମହାବୀର କମିଟି ଓ ଗୋଡା ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଂସ୍କୃତିକୁ ଉଜ୍ଜୀବିତ କରିଛି ରାମଲୀଳା ମହୋତ୍ସବ

**ଖୋର୍ଦ୍ଧା,୨୬।୪(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ ବାଜପୁରସ୍ଥିତ ରଙ୍ଗଣୀସାହି ରାମଲୀଳା ପ୍ରଚାର ସମିତି ଆନୁକୂଲ୍ୟରେ ଚାଲିଛି ୭୯ତମ ରାମଲୀଳା ମହୋତ୍ସବ। ପ୍ରତିବର୍ଷ ଶ୍ରୀରାମ ନବମୀଠାରୁ ଆରମ୍ଭ ହୋଇ ପ୍ରାୟ ତିନି ସପ୍ତାହ ଧରି ଚାଲିଥାଏ ଏହି ମହୋତ୍ସବ। ଶ୍ରୀରାମ ଲାଲାଙ୍କ ଆଦର୍ଶ ପ୍ରଚାର ପ୍ରସାର ତଥା ଲୋକକଳା, ସଂସ୍କୃତି, ପରମ୍ପରାକୁ ଉଜ୍ଜୀବିତ ଲକ୍ଷ୍ୟ ନେଇ ସେହି ସମୟରେ ବ୍ୟକ୍ତିବିଶେଷମାନେ ଏହାକୁ ଆରମ୍ଭ କରିଥିଲେ। ତେବେ ଆଧୁନିକତାର ଚାକଚକ୍ୟ ସତ୍ତ୍ୱେ ଏହି ପରମ୍ପରା ଆଜି ବି ଉଜ୍ଜୀବିତ ରହିଛି। ଶ୍ରୀରାମ ଲାଲାଙ୍କ ଜନ୍ମୋତ୍ସବଠାରୁ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ବିଭିନ୍ନ ପ୍ରାସଙ୍ଗିକ କଥାବସ୍ତୁ ଉପରେ ଆଲୋଚନା ସହ କଳାକାରମାନେ ଏହାକୁ ବର୍ଣ୍ଣନା କରିଥାନ୍ତି।



ପ୍ରଭୁ ଶ୍ରୀରାମଙ୍କ ଜୟଜୟକାର ମନ୍ତ୍ରଧ୍ୱନିରେ ପରିବେଶ ମୁଖରିତ ହୋଇ ଉଠିଥାଏ। କେତେଜଣ ବରିଷ୍ଠ କଳାକାର କୁହନ୍ତି, ପୂର୍ବରୁ ଜେଜେବାପା କରୁଥିଲେ, ଏବେ ସେମାନେ କରୁଛନ୍ତି। ଆଗକୁ ଏହି ପରମ୍ପରା ଏଭଳି ଚାଲିଥିବ। ରାମଲୀଳା ମହୋତ୍ସବ ଦେଖିବା ଲାଗି ବାଜପୁର ସମେତ ଆଖପାଖ ଗାଁର ଲୋକଙ୍କ ସମାଗମ ହୋଇଥାଏ। କୁହାଯାଏ ୧୯୪୫ମସିହାରେ ଏହି ମହୋତ୍ସବ ଆରମ୍ଭ ହୋଇଥିଲା। ସେହି ସମୟରେ ଗୁରୁ କୃଷ୍ଣ ଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ଏହି ମହୋତ୍ସବ ପରିକଳ୍ପନା କରିଥିଲେ। ତାଙ୍କ ପରେ ପିଢି ପରେ ପିଢି ଏହି ଲୋକକଳାକୁ ବଞ୍ଚାଇ ରଖିଛନ୍ତି। ଏଥିରେ ଅଭିନୟ କରୁଥିବା କଳାକାରମାନେ ମାନସିକ କରି ନିଷ୍ଠାର ସହ ନିଜକୁ ପ୍ରଭୁଙ୍କ ନିକଟରେ ସମର୍ପି କଳା ପ୍ରଦର୍ଶନ କରିଥାନ୍ତି। ସାମାଜିକକର୍ମୀ ରଞ୍ଜନ ମଙ୍ଗରାଜ କହିଛନ୍ତି, ପ୍ରଭୁ ଶ୍ରୀରାମ ହେଉଛନ୍ତି ହିନ୍ଦୁ ଧର୍ମର ଆସ୍ଥା ଓ ବିଶ୍ୱାସର ପ୍ରତୀକ। ପ୍ରତ୍ୟେକ ହିନ୍ଦୁଙ୍କ ହୃଦୟରେ ନିବାସ କରିଛନ୍ତି ଶ୍ରୀରାମ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ନୀତିବାଣୀ, ଆଦର୍ଶ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିଲା ରାମଲୀଳା ମହୋତ୍ସବ। ଏହି ମହୋତ୍ସବ ଗାଁରେ ଏକ ପ୍ରକାର ଭାଇଚାରା, ସମ୍ପର୍କର ସେତୁକୁ ଯୋଡିଛି। ସଂସ୍କୃତି ପରମ୍ପରା ସମ୍ପର୍କକୁ ଯୋଡ଼ିଥାଏ, ଯାହା ଏହି ମହୋତ୍ସବରେ ପ୍ରତିଫଳିତ ହୋଇଥାଏ। ବାଜପୁର ରଙ୍ଗଣୀ ସାହି ହଜିଯାଉଥିବା ଗ୍ରାମୀଣ ସଂସ୍କୃତି, ପରମ୍ପରା, ଲୋକକଳାକୁ ବଞ୍ଚାଇ ରଖିପାରିଛି।



ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଜନ୍ମିତ ଶିଶୁ ସ୍ଥିରତା ୟୁନିଟ୍ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

## ସୁବର୍ଣ୍ଣ ଜୟନ୍ତୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ବୋଲଗଡ଼,୨୬।୪(ଦେବବ୍ରତ ହୋତା):** ବୋଲଗଡ଼ ବ୍ଲକ କଡ଼ବ ପଞ୍ଚାୟତ ଖଣତି ମୌଜାରେ ଅବସ୍ଥିତ ସ୍ୱପ୍ନେଶ୍ୱର ଦେବଙ୍କ ପୀଠରେ ଅନୁଷ୍ଠିତ ବିଶ୍ୱଶାନ୍ତି ମହାଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପଞ୍ଚଦିନବ୍ୟାପୀ ଯଜ୍ଞ କର୍ମାନୁଷ୍ଠାନର ବିଭିନ୍ନ ଦିବସରେ ଅଙ୍କୁରାରୋପଣ, ମଣ୍ଡଳାରୋପଣ, ଅଗ୍ନିସ୍ଥାପନ, ଚଣ୍ଡୀ ଆହୁତି, ଶିବାର୍ଚ୍ଚନା, ଗୀତା ଆହୁତି, ନାମଯଜ୍ଞ ଅଧିବାସ ଏବଂ ପୂର୍ଣ୍ଣାହୁତି ସହ ନାମଯଜ୍ଞ କାର୍ଯ୍ୟକ୍ରମ ପରେ ଉଦ୍‌ଯାପିତ ହୋଇଥିଲା। ପୂର୍ଣ୍ଣାହୁତି ଅବସରରେ ରାଜ୍ୟ ବିଜେଡି ସମ୍ପାଦକ ପ୍ରଦୀପ ସାହୁ, ଏମ୍‌ପିଙ୍କ ପ୍ରତିନିଧି ପ୍ରକାଶ ରଣବିଜୁଳିଙ୍କ ସମେତ ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଯଜ୍ଞରେ କର୍ତ୍ତାଭାବେ ମୁରଲୀଧର କର ଉପବିଷ୍ଟ ଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିବା ବେଳେ ଦୁଆରୀ(ଭାରତଲୀଳା) ଓ ଶରତ ବାରିକ ଏବଂ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲା।


## ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶାଙ୍କ କାର୍ଯ୍ୟାଳୟ, ଭୁବନେଶ୍ୱର

ସଂଖ୍ୟା:୬୯୬୧, ତାରିଖ:୨୬.୦୪.୨୦୨୪

**ବିଜ୍ଞପ୍ତି**

**No.D–41:** ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ଯେ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ୨୦୨୪ ସାଧାରଣ ନିର୍ବାଚନ ସମୟରେ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ (FS), ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (SST) ତଥା ପୁଲିସ ଭଳି ବିଭିନ୍ନ ସଂସ୍ଥା ଯାନବାହନ ଓ ବ୍ୟକ୍ତି ବିଶେଷଙ୍କ ଯାଞ୍ଚ କରି ସନ୍ଦେହଜନକ ଅର୍ଥ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥାନ୍ତି । ତେବେ ସାଧାରଣ ଲୋକମାନଙ୍କ ଅସୁବିଧାକୁ ଏଡେଇବା ନିମନ୍ତେ ପ୍ରତି ଜିଲ୍ଲାରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ/ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦଙ୍କ ଅଧକ୍ଷତାରେ "ଜିଲ୍ଲା ଅଭିଯୋଗ କମିଟି" ଗଠନ କରାଯାଇଛି । ଉକ୍ତ କମିଟି ଜବତ ସାମଗ୍ରୀର ଖଲାସ ନିମନ୍ତେ ନିଜ ଆଡୁ ବୈଠକ କରି ବିଚାର କରିଥାନ୍ତି । ଜବତ ବିରୁଦ୍ଧରେ କୌଣସି ଏଫ୍‌ଆଇଆର୍ /ଅଭିଯୋଗ ଦାଖଲ କରାଯାଇ ନଥିଲେ କିମ୍ବା ଜବତ ଅର୍ଥ/ସାମଗ୍ରୀ କୌଣସି ପ୍ରାର୍ଥୀ କିମ୍ବା ରାଜନୈତିକ ଦଳ ବା ନିର୍ବାଚନ ପ୍ରଚାର ସହିତ ଜଡିତ ନୁହେଁ ବୋଲି ପ୍ରମାଣିତ ହେଲେ, ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରଣାଳୀ ଅନୁଯାୟୀ ସେହିଭଳି ନଗଦ ଅର୍ଥ/ସାମଗ୍ରୀ ଇତ୍ୟାଦି ତୁରନ୍ତ ମୁକ୍ତ କରିବାକୁ ବାଚନିକ ଆଦେଶନାମା ଦେବା ସହିତ ଜବତ ଅର୍ଥ/ସାମଗ୍ରୀ ଉପଯୁକ୍ତ ବ୍ୟକ୍ତିଙ୍କୁ (ଯେଉଁ ବ୍ୟକ୍ତିଙ୍କଠାରୁ ଜବତ ହୋଇଥିଲା) ଫେରସ୍ତ କରିବା ପାଇଁ ପଦକ୍ଷେପ ନେଇଥାନ୍ତି । ଉକ୍ତ କମିଟି ଜବତ ସମ୍ବନ୍ଧୀୟ ସମସ୍ତ ମାମଲାର ଅନୁଧ୍ୟାନ କରିବା ସହିତ ଜବତ ନଗଦ ଅର୍ଥ/ସାମଗ୍ରୀ ଉପରେ ନିଷ୍ପତ୍ତି ନେବ ।

ସ୍ୱା./–
ଉପ ମୁଖ୍ୟ ନିର୍ବାଚନ ଅଧିକାରୀ

OIPR-12159/11/0001/2425


## ‘ପରିବର୍ତ୍ତିତ ପରିବେଶ ଓ ପ୍ରଦ୍ୟୋଗ ପରିଚାଳନା’ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

**ବାଣପୁର,୨୬।୪(ଦିଲୀପ ସ୍ୱାଇଁ)**

ଗୋଦାବରୀଶ ମହାବିଦ୍ୟାଳୟର ଶୁକ୍ରବାର ଅଧକ୍ଷ ବିନାୟକ ହୋତାଙ୍କ ସଭାପତିତ୍ୱରେ ‘ପରିବର୍ତ୍ତିତ ପରିବେଶ ଓ ପ୍ରଦ୍ୟୋଗ ପରିଚାଳନା’ ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପାରଳା ମହାରାଜା ଇଞ୍ଜିନିୟରିଂ ମହାବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ଜ୍ଞାନରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ରକୁ ବାଣିଜ୍ୟ ବିଭାଗ ଅଧ୍ୟାପକ ଜୟନ୍ତ ବିହାରୀ ସଂଯୋଜନା କରିଥିବା ବେଳେ ଅନୁଷ୍ଠାନର ଗୁଣବତ୍ତା ପ୍ରକୋଷ୍ଠର ଅଧିକାରୀ ଡ.ରଶ୍ମିସ୍ମିତା ମିଶ୍ରଙ୍କ ଉଦ୍ୟମରେ ଏହି ଆଲୋଚନାଚକ୍ରଟି ଛାତ୍ରୀଛାତ୍ରଙ୍କ ପାଇଁ ଉପାଦେୟ ହୋଇପାରିଥିଲା। ଏଥିରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ଡ. ସୁରପ୍ରତାପ ନରେନ୍ଦ୍ରସିଂହ ବର୍ମା ଧନ୍ୟବାଦ ଦେଇଥିଲେ।

## ବାଣପୁରର ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ

**ବାଣପୁର,୨୬।୪(ଦିଲୀପ ସ୍ୱାଇଁ)**

ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ଅବାଧ, ଶୃଙ୍ଖଳିତ ଓ ନିରପେକ୍ଷ ଭାବେ ସମାପନ କରିବା ପାଇଁ ଶୁକ୍ରବାର ବାଣପୁର ପୋଲିସ ପକ୍ଷରୁ ବିଭିନ୍ନ ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ବାଣପୁର ବିସରପଟଣା ଛକଠାରୁ ମୁଖ୍ୟ ବଜାର ଦେଇ ପଲଟଣ ପଡିଆ, ଭୀମପୁର ଏବଂ ଭେଟେଶ୍ୱର ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରାଯାଇଥିଲା। ଥାନା ଅଧିକାରୀ ରମେଶ କୁମାର ଦେବତାଙ୍କ ନେତୃତ୍ୱରେ ସିଆରପିଏଫର ୩ପ୍ଲାଟୁନ ଫୋର୍ସ ଏହି ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଶୃଙ୍ଖଳିତଭାବେ



ଭୋଟରମାନେ ମତଦାନ କରିବା, ବିଶୃଙ୍ଖଳିତ ଆଚରଣ, ଆଇନଶୃଙ୍ଖଳା ପରିସ୍ଥିତି ଆଦି ନ ଉପୁଜିବା ପାଇଁ ପୋଲିସ ପକ୍ଷରୁ ଏହା ଏକ ସଚେତନତା କାର୍ଯ୍ୟକ୍ରମ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ



**ନିରାକାରପୁର,୨୬।୪(ମାନସ ଚନ୍ଦ୍ର ପଟ୍ଟନାୟକ)**

ଜିଲାପାଳ ଚଞ୍ଚଳ ରାଣା ଶୁକ୍ରବାର ରାମେଶ୍ୱର ପଞ୍ଚାୟତରେ ଥିବା ୫-ଟି ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ଏହା ପରେ ସେ ନିରାକାରପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମେଡିକାଲର ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। କେତେଜଣ କର୍ମଚାରୀ ଅନୁପସ୍ଥିତ ଥିବା ଜାଣିବାକୁ ପାଇଥିଲେ। ସେଠାରୁ ସାଧାରଣ ନିର୍ବାଚନ ପାଇଁ ନିରାକାରପୁର ପଞ୍ଚାୟତରେ ହେବାକୁ ଥିବା ବିଭିନ୍ନ ବୁଥ ବୁଲି ଦେଖିବା ସହିତ ସ୍ଥାନୀୟ କ୍ଷେତ୍ରବାସୀ ସରକାରୀ ବିଦ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଟାଙ୍ଗୀ ବିଡିଓ ରେଶ୍ମା ଟେଟେ, ତହସିଲଦାର ମିତାଲି ପାତ୍ର, ଆର୍‌ଏସ୍‌ଡବ୍ଲୁ ବିଭାଗ କନିଷ୍ଠ ଯନ୍ତ୍ରୀ ମଧୁସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


**यूनियन बैंक ऑफ इंडिया | Union Bank of India** — भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଏମ୍-୧୪, ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀ,
ଭୁବନେଶ୍ୱର-୭୫୧୦୦୩, ଫୋନ୍ ନଂ.: ୦୬୭୪-୦୬୭୪-୨୫୩୭୯୦୦

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ଅସ୍ଥାବର ସମ୍ପତ୍ତି ଗୁଡିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬)/୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡ଼ିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ଋଣଗ୍ରହୀତା ଏବଂ ଜାମିନଦାରମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଗ୍ରହୀତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ/ସାଙ୍କେତିକ / ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡିକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି"** ଭିତ୍ତିରେ **ତା.୨୯.୦୫.୨୦୨୪ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତି ଗୁଡିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା /ଋଣଗ୍ରହୀତା/ ଜାମିନଦାର/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/ କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା/ବକେୟା ରାଶି | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ସାଲେପୁର ଶାଖା / ଫୋନ୍ ନଂ.: ୯୮୬୧୫୩୪୨୧୭/** **ଋଣଗ୍ରହୀତା: ମେସର୍ସ ଅନନ୍ତ ଗୋପାଳ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ମନୋରଞ୍ଜନ ରାଉତ,** ପିତା: ବିଷ୍ଣୁ ଚରଣ ରାଉତ, ସା./ପୋ.: ରାମକୃଷ୍ଣପୁର, ନଟକାଇ, ସାଲେପୁର, ଜିଲ୍ଲା: କଟକ-୭୫୪୨୦୭ / **ଜାମିନଦାର: ଶ୍ରୀ ଚିତ୍ତରଞ୍ଜନ ରାଉତ,** ପିତା: ବିଷ୍ଣୁ ଚରଣ ରାଉତ, ସା./ପୋ.: ରାମକୃଷ୍ଣପୁର, ନଟକାଇ, ସାଲେପୁର, ଜିଲ୍ଲା: କଟକ-୭୫୪୨୦୭ / **ବକେୟା ରାଶି ୩୧.୦୩.୨୦୨୩ ସୁଦ୍ଧା ଟ.୬୩,୨୭,୦୨୫.୯୯** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ସମ୍ପତ୍ତି-୧: ଶ୍ରୀ ମନୋରଞ୍ଜନ ରାଉତ ଏବଂ ଶ୍ରୀ ଚିତ୍ତରଞ୍ଜନ** ରାଉତଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୦୪୭ଡିସିମିଲି, ପ୍ଲଟ୍ ନଂ.: ୪୪୩/୨୬୪୬, ଖାତା ନଂ.: ୯୨୦/୬୭, ମୌଜା: ରାମକୃଷ୍ଣପୁର, ନିଶ୍ଚିନ୍ତକୋଇଲି, ସାଲେପୁର, କଟକ, କିସମ: ଘରବାରି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ଭ୍ରମରବର ରାଉତ, ଦକ୍ଷିଣ: ରାଧାନାଥ ସାହୁ, ପୂର୍ବ: ପ୍ରଭାକର ସେଠୀ, ପଶ୍ଚିମ: ଗ୍ରାମ୍ୟ ରାସ୍ତା | ଟ.୧୭,୧୩,୦୦୦/- / ଟ.୧,୭୧,୩୦୦/- / ଟ.୧୭,୧୩୦/- | ଆକାଉଣ୍ଟ ନଂ.: ୩୦୧୦୧୧୯୮୦୦୫୦୦୦୦ IFSC Code: UBIN0830101 |
| | **ସମ୍ପତ୍ତି-୨: ଶ୍ରୀ ମନୋରଞ୍ଜନ ରାଉତ ଏବଂ ଶ୍ରୀ ଚିତ୍ତରଞ୍ଜନ ରାଉତ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର୦.୧୫୦ଡିସିମିଲି, ପ୍ଲଟ୍ ନଂ.: ୨୩୪୨/୨୫୭୧, ଖାତା ନଂ.: ୭୬୧/୨୭୪, ମୌଜା: ପାଟପୁର, ନିଶ୍ଚିନ୍ତକୋଇଲି, ସାଲେପୁର, କଟକ, କିସମ: ଘରବାରି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ନୟନ ଯୋଡି ଏବଂ ରାସ୍ତା, ଦକ୍ଷିଣ: ଭିକାରୀ ବିଶ୍ୱାଳ, ପୂର୍ବ: ମଧୁସୂଦନ ବିଶ୍ୱାଳ, ପଶ୍ଚିମ: ରାଧାନାଥ ସାହୁ, ପୂର୍ବ: ପ୍ରଭାକର ସେଠୀ, ପଶ୍ଚିମ: ବିକ୍ରେତା ଜମିର ଅବଶିଷ୍ଟ ଅଂଶ | | ଟ.୫୭,୩୮,୦୦୦/- / ଟ.୫,୭୩,୮୦୦/- / ଟ.୫୭,୩୮୦/- | |
| ୨. | **ସିଡିଏ ବିଡାନାସୀ ଶାଖା / ଫୋନ୍ ନଂ.: ୯୩୯୮୨୬୩୭୯୯/** **ଋଣଗ୍ରହୀତା: ଶ୍ରୀ ଆଶିଷ କୁମାର ସାହାଣୀ,** ପିତା: ଵ ସୁରେନ୍ଦ୍ର ସାହାଣୀ, ସା.: ମହତାବ ରୋଡ କଳିଙ୍ଗ ଲେନ୍, ଅରୁଣୋଦୟ ମାର୍କେଟ, ଥାନା: ବାଦାମବାଡି, ଜିଲ୍ଲା: କଟକ-୭୫୩୦୧୨ / **କୋ-ଆପ୍ଲିକାଣ୍ଟ: ଶ୍ରୀମତୀ ଜ୍ୟୋତ୍ସ୍ନା ସାହାଣୀ,** ସ୍ୱାମୀ: ଆଶିଷ କୁମାର ସାହାଣୀ, ସା.: ମହତାବ ରୋଡ କଳିଙ୍ଗ ଲେନ୍, ଅରୁଣୋଦୟ ମାର୍କେଟ, ଥାନା: ବାଦାମବାଡି, ଜିଲ୍ଲା: କଟକ-୭୫୩୦୧୨ / **ବକେୟା ରାଶି ୧୦.୧୦.୨୦୨୩ ସୁଦ୍ଧା ଟ.୩୩,୮୦,୮୪୨.୬୬** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ଶ୍ରୀ ଆଶିଷ କୁମାର ସାହାଣୀ,** ପିତା: ଵ ସୁରେନ୍ଦ୍ର ସାହାଣୀଙ୍କ ନାମରେ ଥିବା ଲିଜ୍‌ହୋଲ୍ଡ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୦-୨ଏଫ୍/୭୨୩ ଏଫ୍ କାଟାଗୋରୀ ଭାଇଡି ସିଡିଏ ପ୍ଲାନ୍ ନଂ.: ସିଡିଏ (ପିଏଲ), ବି-୨୧/୨୦୦୪, ବିଡାନାସୀ ପ୍ରୋଜେକ୍ଟ ଏରିଆ, ସେକ୍ଟର-୧୦, ସିଡିଏ ମର୍କତନଗର, ଥାନା: ମର୍କତନଗର, ଏସ୍‌ଆରଓ: କଟକ, ଜିଲ୍ଲା: କଟକ, କ୍ଷେତ୍ର: ୫୧୦ବର୍ଗଫୁଟ (ଅର୍ଥାତ ପରିମିତ ୧୭'X୩୦'), ସ୍ଥାୟୀ ଠିକଣା ସା.: ସାନପାରିଟିରା, ପୋ.: ଓସକାନା, ଥାନା: ବାଲିକୁଦ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ୨୦ଫୁଟିଆ ପ୍ରସ୍ତାବିତ ରାସ୍ତା, ଦକ୍ଷିଣ: ୧୦-୨ଏଫ୍/୭୧୬, ପୂର୍ବ: ୧୦-୨ଏଫ୍/୭୨୪, ପଶ୍ଚିମ: ୧୦-୨ଏଫ୍/୭୨୨ | ଟ.୩୯,୨୫,୦୦୦/- / ଟ.୩,୯୨,୫୦୦/- / ଟ.୩୯,୨୫୦/- | ଆକାଉଣ୍ଟ ନଂ.: ୫୫୮୬୦୧୯୮୦୦୫୦୦୦୦ IFSC Code: UBIN0558869 |
| ୩. | **କଟକ ମୁଖ୍ୟ ଶାଖା / ଫୋନ୍ ନଂ.: ୮୯୧୭୫୯୭୭୬୮/** **ଋଣଗ୍ରହୀତା: କ) ଶ୍ରୀ ବଳଭଦ୍ର ସାହୁ,** ପିତା: ଵ ସଚିଦାନନ୍ଦ ସାହୁ, ସା.: ରତନପୁର, ପୋ.: ଶଙ୍କରପୁର, ଢେଙ୍କାନାଳ, ଓଡ଼ିଶା-୭୫୯୦୦୫, **ଖ) ମେସର୍ସ ଶ୍ରୀ ଲକ୍ଷ୍ମୀ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଵ ସଚିଦାନନ୍ଦ ସାହୁ,** ସା.: ରତନପୁର, ପୋ.: ଶଙ୍କରପୁର, ଢେଙ୍କାନାଳ, ଓଡ଼ିଶା-୭୫୯୦୦୫ / **ଜାମିନଦାର: ଶ୍ରୀ ପ୍ରମୋଦ କୁମାର ସାହୁ,** ପିତା: ପୁରୁଷୋତ୍ତମ ସାହୁ, ସା.: ରତନପୁର, ପୋ.: ଶଙ୍କରପୁର, ଢେଙ୍କାନାଳ, ଓଡ଼ିଶା-୭୫୯୦୦୫, **୨) ଆଇନଗତ ଉତ୍ତରାଧିକାରୀ ଜାମିନଦାରମାନେ: ଵ ସଚିଦାନନ୍ଦ ସାହୁ ଏବଂଆଇନଗତ ଉତ୍ତରାଧିକାରୀ ଋଣଗ୍ରହୀତା: ମେସର୍ସ ଶ୍ରୀ ଲକ୍ଷ୍ମୀ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଵ ସଚିଦାନନ୍ଦ ସାହୁ, କ) ଶ୍ରୀ ସୋମନାଥ ସାହୁ,** ପିତା: ଵ ସଚିଦାନନ୍ଦ ସାହୁ, ସା.: ରତନପୁର, ପୋ.: ଶଙ୍କରପୁର, ଢେଙ୍କାନାଳ, ଓଡ଼ିଶା-୭୫୯୦୦୫, **ଖ) ଶ୍ରୀମତୀ ସୁଶାନ୍ତି ସାହୁ,** ସ୍ୱାମୀ: ଵ ସଚିଦାନନ୍ଦ ସାହୁ, ସା.: ରତନପୁର, ପୋ.: ଶଙ୍କରପୁର, ଢେଙ୍କାନାଳ, ଓଡ଼ିଶା-୭୫୯୦୦୫, **ଗ) ଶ୍ରୀମତୀ ସସ୍ମିତା ସାହୁ,** ସ୍ୱାମୀ: ମାନସ ରଞ୍ଜନ ସାହୁ, ସା/ପୋ.: କଙ୍କଡାକୋଡି, ଥାନା: ମାଣିଆବନ୍ଧ, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୩୫, **ଘ) ଶ୍ରୀ ବଳଭଦ୍ର ସାହୁ,** ପିତା: ଵ ସଚିଦାନନ୍ଦ ସାହୁ, ସା.: ରତନପୁର, ପୋ.: ଶଙ୍କରପୁର, ଢେଙ୍କାନାଳ, ଓଡ଼ିଶା-୭୫୯୦୦୫/**ବକେୟା ରାଶି ୩୧.୦୩.୨୦୨୪ ସୁଦ୍ଧା ଟ.୨୬,୩୩,୩୮୨.୮୧** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | **ସମ୍ପତ୍ତି-୧: ଵ ସଚିଦାନନ୍ଦ ସାହୁ** (ଵ ସଚିଦାନନ୍ଦ ସାହୁର ଆଇନଗତ ଉତ୍ତରାଧିକାରୀମାନେ: ଶ୍ରୀମତୀ ସୁଶାନ୍ତି ସାହୁ, ଶ୍ରୀ ସୋମନାଥ ସାହୁ, ଶ୍ରୀମତୀ ସସ୍ମିତା ସାହୁ, ଶ୍ରୀ ବଳଭଦ୍ର ସାହୁ)ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୪୭୫, ୨୪୭୫/୩୦୪୬, ଖାତା ନଂ.: ୪୭୭/୩୩୫ ଏବଂ ୪୭୭/୩୩୪, ମୌଜା: ତେନ୍ତୁଳି ପାଟଣା, ଥାନା/ତହସିଲ: ଢେଙ୍କାନାଳ, କିସମ: ଘରବାରି, ପରିମିତ କ୍ଷେତ୍ର: ଏକର୦.୧୮୦ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ଶଙ୍କର ସାହୁ, ଦକ୍ଷିଣ: ରାସ୍ତା ଏବଂ ମହେଶ୍ୱର ସାହୁ, ପୂର୍ବ: ସଚିଦାନନ୍ଦ ସାହୁ ଏବଂ ରାସ୍ତା, ପଶ୍ଚିମ: ରାସ୍ତା ଏବଂ ଶ୍ରୀଧର ସାହୁ ଏବଂ ଅନ୍ୟମାନେ | ଟ.୫୬,୦୪,୦୦୦/- / ଟ.୫,୬୦,୪୦୦/- / ଟ.୫୬,୦୪୦/- | ଆକାଉଣ୍ଟ ନଂ.: ୧୯୭୯୨୧୯୮୦୦୫୦୦୦୦ IFSC Code: UBIN0919799 |
| | | **ସମ୍ପତ୍ତି-୨: ଵ ସଚିଦାନନ୍ଦ ସାହୁ** (ଵ ସଚିଦାନନ୍ଦ ସାହୁର ଆଇନଗତ ଉତ୍ତରାଧିକାରୀମାନେ: ଶ୍ରୀମତୀ ସୁଶାନ୍ତି ସାହୁ, ଶ୍ରୀ ସୋମନାଥ ସାହୁ, ଶ୍ରୀମତୀ ସସ୍ମିତା ସାହୁ, ଶ୍ରୀ ବଳଭଦ୍ର ସାହୁ)ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧/୨୧୬୭, ଖାତା ନଂ.: ୩୫୫/୩୯୩, କିସମ: ଗୋଡା ଇ.କେ, ମୌଜା: ଗୁଡୁପଡା, ଥାନା/ତହସିଲ: ଆଠଗଡ, ଜିଲ୍ଲା: କଟକ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୧୪୦ଡିସିମିଲି, ଏହାର ଚତୁଃପାର୍ଶ୍ୱରେ ଉତ୍ତର: ଢେଙ୍କାନାଳ ସୀମା, ଦକ୍ଷିଣ: ରାସ୍ତା, ପୂର୍ବ: ପୂର୍ବ ଆଡକୁ ବିଦ୍ୟା ଖୁଣ୍ଟିଆ, ପଶ୍ଚିମ: ଶଙ୍କର ବାରିକ ଏବଂ ଅନ୍ୟମାନେ | ଟ.୩୧,୪୫,୦୦୦/- / ଟ.୩,୧୪,୫୦୦/- / ଟ.୩୧,୪୫୦/- | |
| ୪. | **କଟକ ମୁଖ୍ୟ ଶାଖା / ଫୋନ୍ ନଂ.: ୮୭୬୩୮୩୭୪୩୧/** **ଋଣଗ୍ରହୀତା: ଶ୍ରୀ ମାନସ ମୋହରଥା,** ସା/ପୋ.: ପାରାଦୀପଗଡ, ଥାନା: ପାରାଦୀପଗଡ, ଜିଲ୍ଲା: ଜଗତସିଂହପୁର, ଓଡ଼ିଶା / **ଜାମିନଦାର: ଶ୍ରୀମତୀ ସରିତା ବେହେରା,** ସ୍ୱାମୀ: ରଘୁନାଥ ବେହେରା, ମେରିଆ ବଜାର, ବକ୍ସି ବଜାର, କଟକ, ଓଡ଼ିଶା-୭୫୩୦୦୧ /**ବକେୟା ରାଶି ୩୧.୦୩.୨୦୨୪ ସୁଦ୍ଧା ଟ.୫୩,୩୮,୨୦୦.୭୭** + ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଦେୟ ଏବଂ ଖର୍ଚ୍ଚ | ରାଜ ହୋଇଟ୍ସେ ବାସୋପଯୋଗୀ ଫ୍ଲାଟରେ ଗୃହ ଫ୍ଲାଟ୍ ନଂ.: ଏ/୨୦୧, ୧୨୯୦ବର୍ଗଫୁଟ, ସୁପର ବିଲ୍ଟ ଅପ୍ ଏରିଆ ଏବଂ କାରପେଟ ଏରିଆ ୧୦୭୫ବର୍ଗଫୁଟ, ପ୍ରଥମ ମହଲା, ଭାଣପୁର, ବିଜୟ ଢ଼ାବା ନିକଟ, ପୋ.: ଭାଣପୁର, ଥାନା: କଟକ ସହର, ଜିଲ୍ଲା: କଟକ, ପିନ୍-୭୫୩୦୧୧, ଓଡ଼ିଶା, ଖାତା ନଂ.: ୬୬୪, ପ୍ଲଟ୍ ନଂ.: ୩୦୭୨ ଏବଂ ୩୦୭୩, ମୌଜା: ଭାଣପୁର, ଥାନା ନଂ.: କଟକ ସଦର ୪୨, ତହସିଲ ନଂ.: କଟକ-୨୩୭, ପ୍ଲଟ୍ ନଂ.: ୩୦୭୨, କ୍ଷେତ୍ର: ଏକର୦.୦୪୦ଡିସିମିଲି, ପ୍ଲଟ୍ ନଂ.: ୩୦୭୩, କ୍ଷେତ୍ର: ଏକର୦.୧୨୦ଡିସିମିଲି, **ସମୁଦାୟ କ୍ଷେତ୍ର: ଏକର୦.୧୬୦ଡିସିମିଲି,** ବିକ୍ରୟ କାରବାର କ୍ଷେତ୍ର ଅନୁଯାୟୀ ଜମିର ଅବିଭକ୍ତ ଅଂଶ: ୨୧୮ବର୍ଗଫୁଟ, ଏହାର ଚତୁଃପାର୍ଶ୍ୱରେ ଉତ୍ତର: କରିଡର, ଦକ୍ଷିଣ: ୟୁଟିଲିଟି ସ୍ପେସ୍, ପୂର୍ବ: ଶ୍ରୀ ରାଧାକାନ୍ତ ବେହେରା, ପଶ୍ଚିମ: ୟୁଟିଲିଟି ସ୍ପେସ୍, | ଟ.୫୩,୭୦,୦୦୦/- / ଟ.୫,୩୭,୦୦୦/- / ଟ.୫୩,୭୦୦/- | ଆକାଉଣ୍ଟ ନଂ.: ୩୦୨୦୦୧୯୮୦୦୫୦୦୦୦ IFSC Code: UBIN0530204 |

ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡିକୁ ଯାଞ୍ଚ କରିବାର ତାରିଖ ଓ ସମୟ: ତା.୨୮.୦୫.୨୦୨୪ ରିଖ ପୂର୍ବରୁ ଯେକୌଣସି କାର୍ଯ୍ୟ ଦିବସର ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ

ଇ-ନିଲାମ ତାରିଖ ଏବଂ ସମୟ : ତା.୨୯.୦୫.୨୦୨୪ ରିଖ ମଧ୍ୟାହ୍ନ ୧୨.୦୦ଘଟିକାରୁ ଅପରାହ୍ନ ୫.୦୦ଘଟିକା ମଧ୍ୟରେ

ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ଇ-ନିଲାମ ଆରମ୍ଭ ପୂର୍ବରୁ

ସମ୍ପତ୍ତି ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି ଥାଏ: ନାହିଁ

ରେଜିଷ୍ଟ୍ରେସନ୍, ଲଗ୍‌ଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବସାଇଟ: https://www.mstcecommerce.com/auctionhome/ibapi/index.jsp, www.unionbankofindia.co.in ଦେଖନ୍ତୁ। ଏହି ସମ୍ବନ୍ଧୀୟ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ମୋବାଇଲ: ୯୭୭୬୨୩୧୦୫୦

ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ଧାରା- ରୁଲ୍ ୮(୬) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା ଏବଂ ଜାମିନ୍‌ଦାରମାନଙ୍କୁ ଏହା ଏକ ନୋଟିସ୍ କି ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।

ସ୍ଥାନ:ଭୁବନେଶ୍ୱର, ତାରିଖ: ୨୬.୦୪.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

